**ସଂକ୍ଷେପରେ**

## ସାପ କାମୁଡ଼ାରେ ମହିଳା ଗୁରୁତର



ପାପଡାହାଣ୍ଡି,୨୭।୭(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମାଝିଗୁଡା ପଞ୍ଚାୟତର ସଦର ଗାଁରେ ବୁଧବାର ଏକ ବିଷ ଧର ସାପ କାମୁଡାରେ ପ୍ରେମଶିଲା ବିଷୋୟୀ ଗୁରୁତର ହୋଇଛନ୍ତି। ଅପରାହ୍ନରେ ପ୍ରେମଶିଲା ଖାଇ ସାରି ଘରେ ବିଶ୍ରାମ ନେଉଥିବା ସମୟରେ ଏକ ସାପ ତାଙ୍କ ଗୋଡ଼କୁ କାମୁଡି ଥିଲା। ଏଥିରେ ସେ ଗୁରୁତର ହେବାରୁ ତାଙ୍କୁ ମୈଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ତାଙ୍କର ଚିକିତ୍ସା ଜାରି ରହିଛି।

## ଜିଲାସ୍ତରୀୟ ଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ



ନବରଙ୍ଗପୁର,୨୭।୭(ବି.ପ୍ର.): ନବରଙ୍ଗପୁର ସହର ଦଶହରାପଦାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଜିଲାସ୍ତରୀୟ ଅରବିନ୍ଦ ପାଠଚକ୍ର ତଥା କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ କଟକ ମାତୃଭବନର ବିଶିଷ୍ଟ ବକ୍ତା ତଥା ସଙ୍ଗଠକମାନେ ଯୋଗ ଦେଇଥିଲେ। 'ପୂର୍ଣ୍ଣାଙ୍ଗ ଶିକ୍ଷା -ଭବିଷ୍ୟତର ପ୍ରସ୍ତୁତି' ଉପରେରେ ବ୍ରଜମୋହନ ବେହେରା, 'ଚେତନାର ପରିବର୍ତ୍ତନରେ ପରିସ୍ଥିତିର ପରିବର୍ତ୍ତନ' ନେଇ କପିଳାସ ପ୍ରସାଦ ଦାସ, 'ନିଜ ଭିତରେ ଦିବ୍ୟ ଉପସ୍ଥିତି' ବିଷୟରେ ଗଦାଧର ମିଶ୍ର ଏବଂ 'ସଂଗଠନ ଓ ସଂଗତି' ସମ୍ପର୍କରେ ସରୋଜ ପଟ୍ଟନାୟକ ଆଲୋଚନା କରିଥିଲେ। ଜିଲା ଆବାହିକା ସଙ୍ଗୀତା ପଟ୍ଟନାୟକ ଜିଲା ବିବରଣୀ ଉପସ୍ଥାପନା କରିଥିଲେ। ମଣ୍ଡଳ ସଂଯୋଜକ ସୁରେଶ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରାଜ ଭାଇ ମାତୃବନ୍ଦନା ଗାନ କରିଥିଲେ। ଇଂ ସନ୍ତୋଷ କୁମାର ଗାହଣ କୃତଜ୍ଞତା ଅର୍ପଣ କରିଥିଲେ। ଏହି ଉତ୍ସବରେ ନବରଙ୍ଗପୁର ଜିଲାର ସମସ୍ତ ବ୍ଲକ ଆବାହକ, ଦଶକର୍ମଧାରା ଆବାହକ, ଶିକ୍ଷାକେନ୍ଦ୍ର ଅପାଭାଇ, ପରିଚାଳକ ତଥା ପାଠଚକ୍ରର ଭଉଣୀ ଭାଇମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ରନାଥ ଦାସ, କପିଳେନ୍ଦ୍ର ମିଶ୍ର, କୃଷ୍ଣଚନ୍ଦ୍ର ଘଡେଇ, ଦେବେନ୍ଦ୍ର ନାୟକ, ସ୍ୱର୍ଣ୍ଣଲତା ମହାକୁଡ଼, ପ୍ରଲ୍ଲୀଭା ଭୂୟାଁ, ଅଭିମନ୍ୟୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରାବଣୀ ଭାନପଲ୍ଲୀ, ଆରୋଶ୍ରୀ ଶିବାନୀ ଯୁଗ୍ମ ଟପ୍ପର



ମା' ବାପାଙ୍କ ସହ ଆରୋଶ୍ରୀ ଶିବାନୀ ଖୁସି ମନାଉଛନ୍ତି।

ନବରଙ୍ଗପୁର/ଉମରକୋଟ ୨୭।୭(ବି.ପ୍ର./ସ୍ୱ.ପ୍ର.)

**ପ୍ରକାଶ ପାଇଲା +୨ ବିଜ୍ଞାନ ଫଳାଫଳ**

ପ୍ରକାଶ ପାଇଥିବା +୨ ବିଜ୍ଞାନରେ ନବରଙ୍ଗପୁର ଜିଲାରେ ୨ଜଣ ଛାତ୍ରୀ ଟପ୍ପର ହୋଇଛନ୍ତି। ସେମାନେ ଉଭୟ ୫୪୩ ନମ୍ବର ରଖି ଜିଲାରେ ପ୍ରଥମ ହୋଇଛନ୍ତି। ସେମାନେ ହେଲେ ନବରଙ୍ଗପୁର ବିଦ୍ୟାର୍ଥୀ କଲେଜର ଶ୍ରାବଣୀ ଭାନପଲ୍ଲୀ ଓ ଉମରକୋଟ ଗୁରୁକୃପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆରୋଶ୍ରୀ ଶିବାନୀ ମିଶ୍ର। ଉମରକୋଟ ଗୁରୁକୃପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପାସ୍ ହାର ଶତ ପ୍ରତିଶତ ରହିଛି। ଆରୋଶ୍ରୀ ଶିବାନୀ ମିଶ୍ର ସର୍ବାଧିକ ୫୪୩ (୯୦.୫୦%) ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ଚଳିତ ବର୍ଷ ୭୫ ଛାତ୍ରୀଛାତ୍ର ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର +୨ ବିଜ୍ଞାନ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫୪ ଜଣ ପ୍ରଥମ, ୧୬ ଜଣ ଦ୍ୱିତୀୟ ଓ ୫ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲର ସାଇ ଲକ୍ଷ୍ମୀ ଗାୟତ୍ରୀ ୮୬% ଓ ଡି. ଶ୍ରୀଷା ୮୪% ନମ୍ବର ରଖିଛନ୍ତି।

### ପାନାବେଡା +୨ ବିଜ୍ଞାନ କଲେଜ ପାସହାର ଶତପ୍ରତିଶତ

**ଚନ୍ଦାହାଣ୍ଡି,(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ସ୍ଥିତ ପାନାବେଡା ଜୁନିୟର ମହାବିଦ୍ୟାଳୟ +୨ ବିଜ୍ଞାନ ଫଳାଫଳ ଶତପ୍ରତିଶତ ହୋଇଛି। ଚଳିତ ବର୍ଷ ୧୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଦ୍ୱିତୀୟ ଓ ୯ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା କଲେଜ ଅଧ୍ୟକ୍ଷ ଅରୁଣ କୁମାର ହୋତା କହିଛନ୍ତି। ସମସ୍ତ ଅଧ୍ୟାପକଙ୍କ କଠିନ ନିଷ୍ଠା ପରିଶ୍ରମ ଓ ଶିକ୍ଷାଦାନ ଫଳରେ ଏହି ସଫଳତା ମିଳିଛି ବୋଲି ସେ କହିଛନ୍ତି। ଏଥିସହ ଅଭିଭାବକ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି।

### ୫୯ରୁ ୫୭ ଛାତ୍ରୀ ପାସ୍

**ଡାବୁଗାଁ, (ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜିଲା ଅନୁସୁଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଚଳିତ ବର୍ଷ +୨ ବିଜ୍ଞାନରେ ୫୭ଜଣ ଛାତ୍ରୀ ପାସ କରିଛନ୍ତି। ଚଳିତ ବର୍ଷ ମୋଟ ୫୯ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ଏଥିରେ ୩୩ ଜଣ ପ୍ରଥମ, ୧୯ ଜଣ ଦ୍ୱିତୀୟ ଓ ୫ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟରେ ୯୬.୬୧% ପରିକ୍ଷା ଫଳ ହୋଇ ଥିବା ଅଧ୍ୟକ୍ଷ ସୁକାନ୍ତ ସ୍ୱାଇଁ କହିଛନ୍ତି। ସେ ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଓ ଛାତ୍ରୀଙ୍କୁ ଶୁଭେଚ୍ଛା ଓ ଧନ୍ୟବାଦ ଦେଇଛନ୍ତି। ଜିଲା ମଙ୍ଗଳ ଅଧିକାରୀ ସ୍ମୃତି ରଞ୍ଜନ ସାମନ୍ତରାୟ ମଧ ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଛାତ୍ରୀ ମଞ୍ଜୁଳା ପନକା ୪୬୬ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହୋଇଛନ୍ତି।

### ଡାକ୍ତର ହୋଇ ରୋଗୀ ସେବା କରିବି



ବାପା ଆନନ୍ଦ ଭାନପଲ୍ଲୀ ଓ ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ଯୋଗୁ ସଫଳତା ପାଇଛି। ଭଲ ଫଳାଫଳ ପାଇଁ କଲେଜରେ ୮ ଘଣ୍ଟା ଓ ଘରେ ୪ ଘଣ୍ଟା ପରିଶ୍ରମ କରୁଥିଲି। ସଫଳତାର ଶ୍ରେୟ ସେ କଲେଜର ଅଭିନବ ଶୈକ୍ଷିକ ପ୍ରଣାଳୀ ଓ ଶିକ୍ଷକ ଓ ଅଧ୍ୟକ୍ଷଙ୍କୁ ଦେବାକୁ ଚାହିଁବି। ସେ ଭବିଷ୍ୟତରେ ଡାକ୍ତର ହୋଇ ରୋଗୀ ସେବା କରିବି ।

**-ଶ୍ରାବଣୀ ଭାନପଲ୍ଲୀ, ବିଦ୍ୟାର୍ଥ କଲେଜ, ନବରଙ୍ଗପୁର**

### ଅଧ୍ୟାପିକା ହେବାକୁ ଲକ୍ଷ୍ୟ

ମା' ବାପାଙ୍କ ଆଶୀର୍ବାଦ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉଚ୍ଚକୋଟୀର ଶିକ୍ଷା ପ୍ରଣାଳୀ ଯୋଗୁ ଏହି ସଫଳତା ପାଇଛି। ମୋ ଅଭିଭାବକ ଓ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଧନ୍ୟବାଦ ଜଣାଉଛି। ଆଗକୁ ଇଣ୍ଟିଗ୍ରେଟେଡ୍ ବିଇଡି କରି ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖିଛି।

**-ଆରୋଶ୍ରୀ ଶିବାନୀ ମିଶ୍ର, ଗୁରୁକୃପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉମରକୋଟ**

## ଜଙ୍ଗଲ ଜମି ପଟ୍ଟା ବଣ୍ଟନ

ଡାବୁଗାଁ, ୨୭।୭ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ତହସିଲ କାର୍ଯ୍ୟାଳୟ ପରିସରରେ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ଜଙ୍ଗଲ ଜମି ଚାଷ କରି ଚଳି ଆସୁଥିବା ଲୋକଙ୍କୁ ୨୦୦୫ରେ ପ୍ରଣୟନ ହୋଇଥିବା ଆଇନରେ ଜମିର ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ତହସିଲଦାର ସନ୍ଧ୍ୟା ସମରଥଙ୍କ ସଭାପତିତ୍ୱରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ଡାବୁଗାଁ ପୂର୍ବତନ ସରପଞ୍ଚ ଜି. ପ୍ରକାଶ ରାଓ, ଡଙ୍ଗରିଗୁଡା ସରପଞ୍ଚ ରାମ କୁମାର ଗଣ୍ଡ, ଜୁନାପାଣି ସରପଞ୍ଚ ଦୟା ମାଝି, ଟି. ଜ୍ଜୁଗୁନ୍ ବାବୁ, ଜି. ମୁରଲି ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଘୋଡାଖୁଣ୍ଟା ରାଜସ୍ୱ ସର୍କଲର ନନ୍ଦପୁରା ଗ୍ରାମର ୪୮ ଓ ମେଞ୍ଚର ଗ୍ରାମର ୪୯ ଜଣଙ୍କୁ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ କରାଯାଇଛି। ଘୋଡାଖୁଣ୍ଟା ରାଜସ୍ୱ ନିରିକ୍ଷକ ଗଙ୍ଗାଧର ମହାକୁଡ, ଫରେଷ୍ଟ ରାଇଟ୍ ସେଲ୍ କୋଅର୍ଡିନେଟର ସୋମ୍ୟ ରଞ୍ଜନ ପଟ୍ଟନାୟକ ଓ ମାଇକେଲ୍ ସେନାପତିଙ୍କ ସହ ଅମର ମାଳି ସହଯୋଗ କରିଥିଲେ।

# ପଞ୍ଚାୟତ ଅଫିସ ଘେରିଲା କଂଗ୍ରେସ




କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ତେନ୍ତୁଲିଖୁଣ୍ଟି, ୨୭।୭(ଡି.ଏନ୍.ଏ.)

**ତେନ୍ତୁଲିଖୁଣ୍ଟି ଅଁଳାଭଟ୍ଟାରେ ଚାଉଳ ହଡ଼ପ ଘଟଣା**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଅଁଳାଭଟ୍ଟା ପଞ୍ଚାୟତରେ ୮୬୪ କୁଇଣ୍ଟାଲ ପିଡିଏସ୍ ଚାଉଳ ହଡ଼ପ ଘଟଣାରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଉ ନ ଥିବା ଅଭିଯୋଗ କରି କଂଗ୍ରେସ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଛି। ଏଥିସହ ଜିଲପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କୁ ଏକ ଦାବିପତ୍ର ଦିଆଯାଇଛି। ପିଇଓ ଏବଂ ଯୋଗାଣ ସହାୟକଙ୍କୁ କେବଳ ବହିଷ୍କାର କରାଯାଇଛି। ହଡ଼ପ ଚାଉଳ ଫେରାଇ ଆଣିବାକୁ କୌଣସି ତତ୍ପରତା ଦେଖା ଯାଉ ନ ଥିବା କଂଗ୍ରେସ ଅଭିଯୋଗ କରିଛି। ତଦନ୍ତ ପ୍ରକ୍ରିୟାର ପରିସର ବୃଦ୍ଧି କରିବା ଏବଂ ଏହି ଘଟଣାର ଖୋଳ ତାଡ଼ କରିବାକୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଚାଉଳ ଯୋଗାଉ ଥିବା ଟ୍ରାନ୍ସପୋର୍ଟ ଏଜେନ୍ସିକୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରିଛି। ଗରୀବ କଲ୍ୟାଣ ଯୋଜନା ଚାଉଳ ଦୋଷୀଙ୍କ ଠାରୁ ଆଦାୟ ହେବା ପର୍ଯ୍ୟନ୍ତ ଅପେକ୍ଷା ନ କରି ସାତ ଦିନ ମଧ୍ୟରେ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ ନ କଲେ ଦଳ ଆନ୍ଦୋଳନକୁ ଜୋରଦାର କରିବ ବୋଲି ଚେତାବନୀ ଦେଇଛି। ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ମହିଳା କଂଗ୍ରେସ ସଭାନେତ୍ରୀ ପି ନାଗ ରତ୍ନମ ,ଜିଲା ପରିଷଦ ସଭ୍ୟା ଲିପିକା ମାଝି, ବୃନ୍ଦାବନ ତ୍ରିପାଠୀ, ବ୍ଲକ କଂଗ୍ରେସ ସଭାପତି ପ୍ରହ୍ଲାଦ ହିଆଲ,ଭୀମସେନ ପାଣିଗ୍ରାହୀ, ସମିତି ସଭ୍ୟ ଦିଲୀପ ପ୍ରଧାନୀ, କିଷାନ ହିଆଲ, ରମେଶ ପାତ୍ର ବାଘ ଦୁର୍ଲଭ ଗୌଡ଼ ପ୍ରମୁଖ ସାମିଲ ଥିଲେ।

## ପ୍ରେମ, ପ୍ରତାରଣା ଅଭିଯୋଗରେ ଅଭିଯୁକ୍ତ ଗିରଫ

ଜୟପୁର, ୨୭।୭ (ନି.ପ୍ର.)

ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖି ଫଟୋ ଓ ଭିଡିଓ ଭାଇରାଲ କରିବା ନେଇ ଧମକଚମକ ଦେଉଥିବା ଜଣେ ଅଭିଯୁକ୍ତଙ୍କୁ ଜୟପୁର ମହିଳା ଥାନା ପୋଲିସ ଗିରଫ କରିଛି। ସେ ହେଉଛନ୍ତି ବୋରିଗୁମ୍ମା ଛତର୍ଲା ଗ୍ରାମର ବିଷ୍ଣୁ ମଙ୍ଗଲି। କୋଟପାଡ ଅଞ୍ଚଳର ଜଣେ ଯୁବତୀ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବର୍ଷେ ହେବ ଅଭିଯୁକ୍ତ ଛତର୍ଲା ଗ୍ରାମର ବିଷ୍ଣୁ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖି ବିବାହ ପ୍ରଲୋଭନ ଦେଖାଇ ଶାରୀରିକି ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ତାଙ୍କୁ ବିବାହ କରିବାକୁ ମନା କରି ଦେଇଥିଲେ । ଏନେଇ ଯୁବତୀ ଜଣକ ମହିଳା ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ୭୭/୨୨ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

## 'ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ' କାର୍ଯ୍ୟକ୍ରମ

ନବରଙ୍ଗପୁର,୨୭।୭(ବି.ପ୍ର.)

ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ନବରଙ୍ଗପୁର ଜିଲା ବିଦ୍ୟୁତ୍ ବିଭାଗ ପକ୍ଷରୁ ସାଇ କଲ୍ୟାଣ ମଣ୍ଡପରେ ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ମୁଖ୍ୟ ଅତିଥି, ଡିଆରଡିଏ ପିଡି ରତ୍ନାକର ସାହୁ, ନବରଙ୍ଗପୁର ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଡିଆଇପିଆର୍‌ଓ ହଳଧର ନିଆଲ, ନବରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଶରତ ଭତ୍ରା, ଉପାଧ୍ୟକ୍ଷ ନନ୍ଦିନୀ ସମରଥ, ଜୟପୁର ଓଡ଼ିସିଏଲ୍ ଡେପୁଟି ଜିଏମ୍ ପଦ୍ମଲୋଚନ ସାହୁ, ଜୟପୁର ପିଜିଶୀଲ ଚିଫ୍ ମ୍ୟାନେଜର ଆଶୁତୋଷ ଭୋଇ, ନବରଙ୍ଗପୁର ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଜିତ ପାଢ଼ୀ, ସହନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ଖଟେଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ ମହୋତ୍ସବ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ନବରଙ୍ଗପୁର ଜିଲାର ବିଦ୍ୟୁତ୍ ଶକ୍ତି କ୍ଷେତ୍ରରେ କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଦ୍ୟୁତ୍ ଶକ୍ତି ସମ୍ପର୍କରେ ସଚେତନତା ବାର୍ତ୍ତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଜିଲା ସାଂସ୍କୃତି ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ମନୋଜ ପଟ୍ଟନାୟକ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ସରକାରୀ ଯୋଜନାରେ ସାମିଲ ହୋଇପାରୁନି ଲମତାଗୁଡ଼ା ହାଇସ୍କୁଲ

ତେନ୍ତୁଲିଖୁଣ୍ଟି, ୨୭।୭(ଡି. ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ ଥିବା ଲମତାଗୁଡାସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସବୁବେଳେ ସରକାରୀ ଯୋଜନାରୁ ବଞ୍ଚିତ ହେଉଛି। ଏହି ସ୍କୁଲକୁ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନରେ ସାମିଲ କରାଯାଇ ନ ଥିଲା । ଏବେ ଭିତ୍ତିଭୂମି ନ ଥିବାରୁ ଏହା ପୁଣି ସ୍ମାର୍ଟସ୍କୁଲ ରେସ୍‌ରୁ ବାଦ୍ ପଡିଛି। ଯାହାକୁ ନେଇ ଅଭିଭାବକମାନେ ଦୁଃଖ ଓ କ୍ଷୋଭ ପ୍ରକାଶ କରିଛନ୍ତି।

୧୯୬୨ ମସିହାରେ ଏହି ସ୍କୁଲ ନିର୍ମାଣ କରାଯାଇଛି। କିନ୍ତୁ ଏହାକୁ ବରମ୍ବାର ଅବହେଳା କରାଯାଉ ଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଗୋଟିଏ ଗାଁରେ ଥିବା ୧ମରୁ ୫ମ ଏବଂ ୬ଷ୍ଠରୁ ୧୦ମ ଦୁଇଟି ବିଦ୍ୟାଳୟ ଥିଲେ ତାକୁ ମିଶାଇ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ଦ୍ୱାରା ପରିଚାଳିତ କରି ସରକାରୀ ନୋଡାଲ ହାଇସ୍କୁଲ ମାନ୍ୟତା ଦିଆଯିବା ନିୟମ ରହିଛି। ଚିଗି ଓ ବିରିଗୁଡାରେ ଲମତାଗୁଡା ଭଳି ସ୍ଥିତି ଥାଇ ନୋଡାଲ ବିଦ୍ୟାଳୟ ହୋଇ ପାରିଲା ଅଥଚ ଲମତାଗୁଡା ବଞ୍ଚିତ ହେଲା। ଏହି ବିଦ୍ୟାଳୟକୁ କାହିଁକି ଅବହେଳା କରାଯାଉଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହାକୁ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନରେ ସାମିଲ କରାଯାଇ ନ ଥିବାରୁ କୋଠା ପାଇଁ ଅର୍ଥ ଆସିଲାନି। ୨୦୦୯ରେ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନରେ ଯୋଜନାରେ ଅର୍ଥ ଆସିଥିଲା। କିନ୍ତୁ




ଆବଶ୍ୟକ ଜମି ଚିହ୍ନଟ କରାଯାଇ ନ ଥିବାରୁ ତାହା ଫେରି ଯାଇଥିବା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମୋହନ ମଧୁସୂଦନ ବାଘ କହିଛନ୍ତି। ବିଦ୍ୟାଳୟ ସର୍ବଶିକ୍ଷା ଅଭିଯାନ ଓ ଡିପିଇପି ସ୍କିମ୍‌ରେ ଯେତିକି ଶ୍ରେଣୀ ଗୃହ ତିଆରି ହୋଇଥିଲା ସେତିକି ଘରେ ସ୍କୁଲ ଚାଲୁଛି। ସ୍କୁଲରେ ୫ଟି ଶ୍ରେଣୀ ଓ ଅଫିସ ଗୃହ ରହିଛି। ଲାଇବ୍ରେରୀ, ଲାବୋରାଟୋରୀ କକ୍ଷ ନାହିଁ। ଏହି ସ୍କୁଲର ସମସାମୟିକ ପରଜା ଦେଓପାଲିସ୍ଥିତ ସରକାରୀ ହାଇସ୍କୁଲରେ ମାଟ୍ରିକ ପରୀକ୍ଷାକେନ୍ଦ୍ର ହୋଇ ପାରିଲା ଅଥଚ ଲମତାଗୁଡାକୁ ମାଟ୍ରିକ ପରୀକ୍ଷା କେନ୍ଦ୍ର କରାଗଲାନି। ଆବଶ୍ୟକ ଶ୍ରେଣୀଗୃହ, ବିଦ୍ୟାଳୟରେ ଖେଳ ପଡିଆ ଆଦି ଭିତ୍ତିଭୂମି ନ ଥିବାରୁ ତୃତୀୟ ପର୍ଯ୍ୟାୟ ୫ଟି ପ୍ରକଳ୍ପରୁ ଏହାକୁ ବାଦ ଦିଆ ଗଲା। ଭିତ୍ତିଭୂମି ବିକାଶ ଦାୟିତ୍ୱ କାହାର ବୋଲି ତେନ୍ତୁଲିଖୁଣ୍ଟି ମଣ୍ଡଳ ଭାଜପା ସଭାପତି ହରେକୃଷ୍ଣ ମୁଦୁଲି, ଗ୍ରାମବାସୀ ଓ ପୁରାତନ ଛାତ୍ରମାନେ ପ୍ରଶ୍ନ କରିଛନ୍ତି। ୫-ଟି ସ୍କୁଲ ରୂପାନ୍ତରିକରଣ କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ଲମତାଗୁଡାକୁ ବାଦ ଦେବା ସମ୍ପର୍କରେ ବିଡ଼ିଓ ଦୁର୍ଯ୍ୟୋଧନ ଭୋଇଙ୍କୁ ପଚାରିବାରୁ, ସେଠାରେ ଆବଶ୍ୟକ ଶ୍ରେଣୀ ଗୃହ ନାହିଁ, ଆମ ପାଖରେ ମଧ ନୂତନ ଭାବେ ଶ୍ରେଣୀଗୃହ ସହ ସ୍ମାର୍ଟ କ୍ଲାସ ରୁମ କରିବା ଭଳି ଅର୍ଥ ନାହିଁ ଏଣୁ ବାଦ ଦିଆଗଲା ବୋଲି କହିଛନ୍ତି। ଯଦି ଅନ୍ୟବିଭାଗରୁ ଅର୍ଥ ନୂତନ ଶ୍ରେଣୀ ଗୃହ ପାଇଁ ଆସେ ତେବେ କିଛି ହେବ। ମୋ ଆକଳନରେ ଆସନ୍ତା ପର୍ଯ୍ୟାୟରେ ମଧ ଲମତାଗୁଡା ସାମିଲ ହେବା ସମ୍ଭବ ହେବନି ବୋଲି ସେ କହିଛନ୍ତି।

# ରାସ୍ତାରେ ମୋରମ ବଦଳରେ ରଙ୍ଗମାଟି, ବର୍ଷାରେ ଆଣ୍ଠୁଏ କାଦୁଅ

ଉମରକୋଟ, ୨୭।୭(ସ୍ୱ.ପ୍ର.)

ଗାଁକୁ ନ ଥିଲା ଭଲ ରାସ୍ତା। ତଥାପି ପାଦଚଲା ରାସ୍ତାରେ ଭଲରେ ଯିବାଆସିବା କରୁଥିଲେ ଗ୍ରାମବାସୀ। ଗାଁକୁ ରାସ୍ତା ନ ଥିବା ନେଇ ଅଭିଯୋଗ ପରେ କଚ୍ଚା ସଡ଼କ ଯୋଗାଇ ଦିଆଗଲା। ହେଲେ ପରିସ୍ଥିତି ଏପରି ହୋଇଛି ଯେ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ଉକ୍ତ କଚ୍ଚା ରାସ୍ତାରେ ଯାତାୟାତରେ ଅସୁବିଧା ଭୋଗ କରୁଛନ୍ତି ୩ ଗାଁର ଲୋକେ।

ସୂଚନାନୁଯାୟୀ, ଉମରକୋଟ ବ୍ଲକ ଅଧୀନ ଖାଣ୍ଡା ପଞ୍ଚାୟତର କୁମ୍ଭିଦୋଡା, ମୁଣ୍ଡିଗୁଡା ଏବଂ ଦେଓପୁର ଗ୍ରାମକୁ ରାସ୍ତା ନ ଥିବାରୁ ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏକ କଚ୍ଚାରାସ୍ତା ନିର୍ମାଣ କରାଯାଇଛି। ତେବେ ରାସ୍ତାରେ ମୋରମ ବଦଳରେ ରଙ୍ଗମାଟି ପକାଇ ଦିଆଯାଇଥିବାରୁ ଗାଁ ଦାଣ୍ଡରେ ଏବେ ବର୍ଷାଦିନେ ଆଣ୍ଠୁଏ କାଦୁଅ। ଏହି କାଦୁଅରେ ଲୋକେ ଯିବା ଆସିବା କରୁଛନ୍ତି। କୁମ୍ଭିଦୋଡ଼ାରୁ ମୁଣ୍ଡିଗୁଡା ପ୍ରାୟ ଦେଢ଼ କିଲୋମିଟର ରାସ୍ତାର ଦୁରବସ୍ଥା ଏପରି ଯେ, ରାସ୍ତାରେ ଚାଲିବା ମଧ କଷ୍ଟକର ହୋଇପଡ଼ିଛି। ଫଳରେ ଏହି ୩ଗାଁର ଶତାଧିକ ଛାତ୍ରୀଛାତ୍ର ଦିନେ ସ୍କୁଲ ଗଲେ ଅନ୍ୟ ଦିନ ସ୍କୁଲ ଯିବାକୁ ପସନ୍ଦ କରୁନାହାନ୍ତି। ସେହିପରି ରାସ୍ତାର ଦୁରବସ୍ଥା ଯୋଗୁ ଗାଁକୁ ଆମ୍ବୁଲାନ୍ସ ଯିବାରେ ଅସୁବିଧା ହେଉଥିବାରୁ ଗର୍ଭବତୀ, ରୋଗୀଙ୍କୁ ଗାଁରେ ଥିବା ଏକ ମାତ୍ର ଅଟୋ କିମ୍ବା ଟ୍ରାକ୍ଟରରେ ଭଲ ରାସ୍ତା ଯାଏ ଆଣିବାକୁ ପଡୁଛି। ତା'ପରେ ସେଠାରୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଯାଉଛି। ଏପରିକି ବେଳେ ବେଳେ ଖଟିଆରେ ବୋହି ରୋଗୀଙ୍କୁ ଲୋକେ ଡାକ୍ତରଖାନାରେ ପହଞ୍ଚାଉଥିବା ଗ୍ରାମବାସୀ କହିଛନ୍ତି। ଯଦି ତୁରନ୍ତ ରାସ୍ତା ମରାମତି କରା ନ ଯାଏ ପୁଣି ଖଟିଆରେ ବୁହାହେବେ ଗର୍ଭବତୀ। ବର୍ତ୍ତମାନ କୁମ୍ଭିଦୋଡ଼ା ୬ଜଣ, ମୁଣ୍ଡିଗୁଡା ୮ଜଣ ଏବଂ ଦେଓପୁରରେ ୯ଜଣ ଗର୍ଭବତୀ ଅଛନ୍ତି। ଏହି ୩ ଗ୍ରାମରେ ପ୍ରାୟ ୧୫୦ ପରିବାରର ହଜାରରୁ ଅଧିକ ଲୋକ ବସବାସ କରୁଥିବା ବେଳେ ଦୈନନ୍ଦିନ ଜୀବନଚର୍ଯ୍ୟା ପାଇଁ ଏମାନେ ଉମରକୋଟ ସହର ଉପରେ ନିର୍ଭରଶୀଳ। ତେବେ ରାସ୍ତାର ଏଭଳି ଦୁରବସ୍ଥା ପାଇଁ ଏବେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଲୋକେ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ରାସ୍ତା କାମ ନିମ୍ନମାନର ହୋଇଥିବା ଅଭିଯୋଗ କରିଥିବା ବେଳେ ଖାଣ୍ଡା ସରପଞ୍ଚ ରମେଶ ଚନ୍ଦ୍ର ଭତ୍ରା ମଧ ଏହାକୁ ସ୍ୱୀକାର କରିଛନ୍ତି। ଏନେଇ ଉମରକୋଟ ବିଡିଓଙ୍କ ସହ ଆଲୋଚନା କରି ରାସ୍ତାର ଦୁରବସ୍ଥା ସଜାଡ଼ିବାକୁ ଚେଷ୍ଟା କରିବେ ବୋଲି ସରପଞ୍ଚ ରମେଶ ଚନ୍ଦ୍ର ଭତ୍ରା କହିଛନ୍ତି।



ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଖାଣ୍ଡା ପଞ୍ଚାୟତର କାଦୁଅ ରାସ୍ତାଦେଇ ଲୋକମାନେ ଯାତାୟାତ କରୁଛନ୍ତି।

## ସଂକ୍ଷେପରେ

### ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସ୍ୱନକ୍ଷତ୍ର ପାଳନ



**ଉମରକୋଟ, ୨୭।୭(ସ୍ୱ.ପ୍ର.) :** ଉମରକୋଟସ୍ଥିତ ପ୍ରଜାପତି ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଉପକେନ୍ଦ୍ରର ୩୧ ତମ ସ୍ୱନକ୍ଷତ୍ର ଦିବସ ଡିଏନ୍‌କେସ୍ଥିତ ହରିଚାନ୍ଦ ଠାକୁର ସେବାଶ୍ରମ ପରିସରରେ ପାଳିତ ହୋଇଛି। ଆଧ୍ୟାତ୍ମିକ ଆଲୋଚନା ଚକ୍ର କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୦୯ରୁ ସଂଗଠନର ଜଣେ ସଦସ୍ୟ ରହିଥିବାରୁ ତାଙ୍କୁ ଶୁଭେଚ୍ଛା ଓ ସଦ୍‌ଭାବନା ଅର୍ପଣ କରାଯାଇଛି। ଉମରକୋଟ ଉପ ସେବା କେନ୍ଦ୍ର ପରିଚାଳିକା ବି.କେ. ମନ୍ଦାକିନୀ ଭଉଣୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭାଜପା ନେତା ରମେଶ ଚନ୍ଦ୍ର ସାହୁ ଯୋଗ ଦେଇ ଥିଲେ। ପ୍ରତ୍ୟେକ ମଣିଷ ଜୀବନରେ ଆଧ୍ୟାତ୍ମିକ ଚିନ୍ତା ଚେତନାର ଉଦ୍‌ବୋଧ ହେଲେ ହିଁ ଭାରତର ପୂର୍ବ ଗୌରବ ଓ ବିଶ୍ୱଗୁରୁ ହେବାର ସୁନାମ ବଜାୟ ରହିବ ବୋଲି ଗୋଷ୍ଠୀ ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ ମୁଖ୍ୟବକ୍ତାଭାବେ ଯୋଗଦେଇ କହିଛନ୍ତି। ଡକ୍ଟର ଉମେଶ ଚନ୍ଦ୍ର ସାହୁ, ବି.କେ. ରଣା ଭାଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଇଘର, ଝରିଗାଁ ଓ ଡାବୁଗାଁ ଉପସେବା କେନ୍ଦ୍ରର ୩ ବ୍ରହ୍ମ କୁମାରୀ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ବି.କେ. ସନ୍ଧ୍ୟା ମଞ୍ଚ ପରିଚାଳନା କରିଥିଲେ। ସୁଧାକର ଭାଇ, ମଙ୍ଗରାଜ ଭାଇ, ଲକ୍ଷ୍ମୀ ଭଉଣୀ ଉଦ୍‌ଘାଟନୀ ଓ ଉଦ୍‌ଯାପନ ଓ ଧ୍ୟାନ ସଙ୍ଗୀତ ଗାନ କରିଥିଲେ। ଚିତ୍ତରଞ୍ଜନ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ।

### ସୋନିଆ ଗାନ୍ଧୀଙ୍କୁ ଇଡି ଜେରା ପ୍ରତିବାଦ

**ତେନ୍ତୁଳିଖୁଣ୍ଟି, ୨୭।୭(ଡି.ଏନ୍.ଏ.):** ବିରୋଧୀଙ୍କୁ ଦମନ କରିବାକୁ ଶାସକ ଦଳ ଇଡିକୁ ବ୍ୟବହାର କରୁଥିବା ଅଭିଯୋଗ ଆଣିଛି କଂଗ୍ରେସ। ଗୋଟିଏ ମାମଲାର ତଦନ୍ତର ନିଷ୍କର୍ଷ ଇଡି ବର୍ଷାଧିକ କାଳ ବାହାର କରି ପାରୁନି। ୨୦୦୨ରୁ ଏଯାବତ ଇଡି ମାତ୍ର ୨୩ଟି ମାମଲା ରେ ଦୋଷୀଙ୍କୁ ଦଣ୍ଡ ଦେଇ ପାରିଛି। ଅଥଚ ଗୋଟିଏ ମାମଲାର ତଦନ୍ତ କୁ ବିଳମ୍ବିତ କରି ଜେରା କରିବବା କୁ ଡାକି କୋର୍ଟରେ ଦୋଷୀ କରିବା ପୂର୍ବରୁ ମିଡିଆରେ ଦୋଷୀ ସଜାଇବାରେ ଲାଗିଛି ଇଡି। ବିଗତ ଦିନରେ ପୂର୍ବତନ କଂଗ୍ରେସର ରାହୁଲ ଗାନ୍ଧୀଙ୍କୁ ପାଞ୍ଚ ଦିନ କାଳ ଜେରା କରିଥିବା ବେଳେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ତିନି ଦିନ ହେବ ଜେରା କରୁଛି। ଏହା ପ୍ରତିବାଦରେ ଜିଲା କଂଗ୍ରେସ ଅଁଳାଭଟ୍ଟାରେ ସତ୍ୟାଗ୍ରହ କରିଛି। ଏଥିରେ ଜିଲ୍ଲା ସଭାପତି ମୁନା ତ୍ରିପାଠୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି ନାଗରତ୍ନମ, ଜିଲା ପରିଷଦ ସଭ୍ୟା ଲିପିକା ମାଝି, ଜିଲା କଂଗ୍ରେସ ଆଦିବାସୀ ସେଲ ସଭାପତି ଦିଲୀପ ପ୍ରଧାନୀ, ବୃନ୍ଦାବନ ତ୍ରିପାଠୀ,ପ୍ରହଲ୍ଲାଦ ହିଆଲ, କିଷାନ ହିଆଲ, ରମେଶ ପାତ୍ର ବାଘ, ଭୀମସେନ ପାଣିଗ୍ରାହୀ, ଦୁର୍ଲଭ ଗୌଡ଼ଙ୍କ ସମେତ ଶତାଧିକ କର୍ମକର୍ତ୍ତା ସାମିଲ ଥିଲେ।

### କୃଷକ ସାଥୀଙ୍କ କର୍ମଶାଳା

**ତେନ୍ତୁଳିଖୁଣ୍ଟି, ୨୭।୭(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଆତ୍ମା କାର୍ଯ୍ୟାଳୟରେ କୃଷକ ସାଥୀ ଓ ମୋ ସେବା କେନ୍ଦ୍ର ପରିଚାଳକଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ୧୫ ପଞ୍ଚାୟତର କୃଷକ ସାଥୀଙ୍କୁ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରାଇବା ତାଲିମ ଦିଆ ଯାଇଛି। କୃଷକ ଡାଟାବେସ ଅପ୍‌ଡେଟ ହୋଇ ପାରିଲେ ସରକାରୀ ସୁବିଧା ସମ୍ପର୍କରେ ସହଜରେ ଜାଣିପାରିବେ। ଡାଟାବେସ୍ ତିଆରିରେ ମୋ ସେବା କେନ୍ଦ୍ର ମଧ କୃଷକଙ୍କଠାରୁ ଅଧିକ ଅର୍ଥ ନ ନେବାକୁ କୁହାଯାଇଛି। ଡାଟାବେସ ତିଆରି ଯେଉଁ ସବୁ ଡକ୍ୟୁମେଣ୍ଟ ଆବଶ୍ୟକ ତାହାକୁ ନେଇ ମୋ ସେବା କେନ୍ଦ୍ରକୁ ଯିବାକୁ ଚାଷୀଙ୍କୁ କହିବାକୁ କୃଷକ ସାଥୀଙ୍କୁ ପରାମର୍ଶ ଦିଆଯାଇଛି। ଟ୍ରେନିଂ ବେଳେ ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ, କୃଷି ଓଭର ସିୟର ଗୌରୀ ବିଶୋଇ,ହରି ତ୍ରିପାଠୀ, କୃଷି ଗ୍ରାମ ସେବକ ପ୍ରହଲ୍ଲାଦ ପେଣ୍ଡିଆ, ସହକାରୀ ବୈଷୟିକ ପରିଚାଳକ ବାଳ ଗୋବିନ୍ଦ ସାହୁ, ଆଶିଷ ରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ଅବସରପରେ ଚାଷକରି ଏବେ ସଫଳ ଡାଲିମ୍ବ ଚାଷୀ

**ଉମରକୋଟ, ୨୭।୭(ସ୍ୱ.ପ୍ର.)**



ଦିବାକର ନିଜ ଫସଲକୁ ଦେଖୁଛନ୍ତି।

ପେଷା ଇଞ୍ଜିନିୟର, ନିଶା ଚାଷ। ଗଛ ପ୍ରତି ତାଙ୍କର ରହିଛି ଅହେତୁକ ଦୁର୍ବଳତା। ତେଣୁ ଚାକିରୀରୁ ଅବସର ପରେ ଖାଲି ନ ବସି ଆରମ୍ଭ କଲେ ଡାଲିମ୍ବ ଚାଷ। ଚାଷରୁ ଏବେ ବେଶ୍ ଦୁଇ ପଇସା ଅର୍ଜନ କରିବା ସହ ୫ରୁ ୬ଟି ପରିବାରକୁ ରୋଜଗାର ଯୋଗାଇବାରେ ସଫଳ ହୋଇଛନ୍ତି। ସୁଦୂର ଗୁଜୁରାଟରୁ ଚାରା ଆଣି ଲଗାଇଛନ୍ତି ନବରଙ୍ଗପୁର ଜିଲା ଉମରକୋଟ ସହରର ଅବସରପ୍ରାପ୍ତ ଇଞ୍ଜିନିୟର ଦିବାକର ବେହେରା।

ପିଲାଟି ଦିନରୁ ଦିବାକରଙ୍କର ଚାଷ ଦିଗରେ ରୁଚି ଥିଲା। ସେ ସରକାରୀ ଚାକିରୀ କରି ଆସିଷ୍ଟାଣ୍ଟ ଇଞ୍ଜିନିୟର ଭଳି ଉଚ୍ଚ ପଦବୀରେ ଅବସ୍ଥାପିତ ହୋଇ ଅବସର ଗ୍ରହଣ କଲେ। କିନ୍ତୁ ଚାଷ ପ୍ରତି ଥିବା ତାଙ୍କ ରୁଚିକୁ ସେ ପୁରା କରିବାକୁ ଚାହୁଁଥିଲେ। ତେଣୁ ଅବସର ପରେ କୃଷି କ୍ଷେତ୍ରରେ ମନୋନିବେଶ କରିଥିଲେ। ସୋସିଆଲ ମିଡିଆରୁ ଅନେକ ପ୍ରକାର ଗଛ ବିଷୟରେ ଅନୁସନ୍ଧାନ କରି ତାକୁ ଅନ୍‌ଲାଇନରେ ଆଣି ନିଜ ଜମିରେ ଚାଷ କରିଥାନ୍ତି। କରୋନା ସମୟରେ ସୋସିଆଲ ମିଡିଆ ମାଧ୍ୟମରେ ଭାରତୀୟ ଚାଷୀ ସଂଘରେ ଦିବାକର ଯୋଗ ଦେଇଥିଲେ। ଅନ୍‌ଲାଇନରେ ଗୁଜୁରାଟର ଜଣେ ପ୍ରଫେସର ବି.ଟି. ଗୋରେଙ୍କଠାରୁ ଡାଲିମ୍ବ ଚାଷର ତାଲିମ ନେଲେ। ଏହାପରେ ବର୍ତ୍ତମାନ ସେ ଉମରକୋଟ ବ୍ଲକ ଅଧୀନ ବଡ଼ବାସନୀ ଗାଁରେ ପ୍ରାୟ ୩ଏକର ଜମିରେ ୧୦୫୦ ଡାଲିମ୍ବ ଚାରା ଲଗାଇଛନ୍ତି। ଏହି ଚାରା ଗୁଜୁରାଟରୁ ଆଣିଥିଲେ। ଦେଢ଼ ବର୍ଷର ଯତ୍ନ ପରେ ଏବେ ଡ଼ାଲିମ୍ବ ଫଳିବା ଆରମ୍ଭ ହୋଇଛି। ଗାଟିଏ ଗଛରେ ପ୍ରାୟ ୨୫ରୁ ୩୦ ଡାଲିମ୍ବ ଫଳୁଛି। ଏହା ଗୋଟିଏ ବର୍ଷରେ ୨ରୁ ୩ଥର ଫଳିବ ବୋଲି କହିଛନ୍ତି ଦିବାକର। ପ୍ରଥମ ପର୍ଯ୍ୟାୟରେ ୧୫ କୁଇଣ୍ଟାଲ ଡାଲିମ୍ବ ବାହାରିଛି ଏବଂ ସାପ୍ତାହକୁ ପ୍ରାୟ ୨ରୁ ୩ କୁଇଣ୍ଟାଲ ଡାଲିମ୍ବ ବାହାରୁଛି। ଡାଲିମ୍ବ ଚାଷରୁ ବାର୍ଷିକ ପ୍ରାୟ ୬ରୁ ୭ ଲକ୍ଷ ଆୟ ହୋଇ ପାରିବ ବୋଲି ସେ ଆଶା ରଖିଛନ୍ତି। ବର୍ତ୍ତମାନ ଏହି ଡାଲିମ୍ବକୁ ନବରଙ୍ଗପୁର ଜିଲା ସହ ପଡୋଶୀ ଛତିଶଗଡ଼ର କେତେଜଣ ବ୍ୟବସାୟୀ କ୍ରୟ କରି ନେଉଛନ୍ତି। ଏହି ଚାଷରେ ରାସାୟନିକ ବଦଳରେ ଜୈବିକ ସାର ପ୍ରୟୋଗ ହେଉଥିବାରୁ ଡାଲିମ୍ବର ଭଲ ଚାହିଦା ରହିଛି। ଜମିରେ ଦୈନିକ ୫ରୁ ୭ ଜଣ ଶ୍ରମିକ କାମରେ ଲାଗୁଛନ୍ତି। ନିଜ ଗ୍ରାମରେ କାମ ମିଳି ଯିବାରୁ ଅନ୍ୟ କୁଆଡେ କାମ ଖୋଜିବାକୁ ଯିବାକୁ ପଡୁନାହିଁ ବୋଲି କହୁଛନ୍ତି କାମ କରୁଥିବା ଶ୍ରମିକମାନେ। ଯଦି କୌଣସି ଚାଷୀ ଡାଲିମ୍ବ ଚାଷ ବିଷୟରେ କିଛି ଜାଣିବାକୁ ଇଚ୍ଛା ପ୍ରକାଶ କରନ୍ତି ତାହେଲେ ସେ ସହଯୋଗ କରିବେ ବୋଲି କହିଛନ୍ତି ଦିବାକର।

- ବାର୍ଷିକ ରୋଜଗାର ପ୍ରାୟ ୬ରୁ ୭ଲକ୍ଷ
- ଜୈବିକ ସାର ପ୍ରୟୋଗ କରୁଥିବାରୁ ଫସଲର ରହିଛି ଚାହିଦା
- ପ୍ରାୟ ୬ ପରିବାର ହୋଇପାରିଛନ୍ତି ରୋଜଗାରକ୍ଷମ

# ଫିନାଇଲ ପ୍ରସ୍ତୁତ କରି ଆତ୍ମନିର୍ଭରଶୀଳ ହୋଇଛନ୍ତି ମହିଳା

**ନବରଙ୍ଗପୁର, ୨୭।୭(ବି.ପ୍ର.)**



ମହିଳାମାନେ ନିଜେ ପ୍ରସ୍ତୁତି କରିଥିବା ଫିନାଇଲ୍‌କୁ ବିକ୍ରି କରିବାକୁ ଯାଉଛନ୍ତି।

ଆତ୍ମନିର୍ଭର ଭାରତ ଅଭିମୁଖେ ନବରଙ୍ଗପୁର ଜିଲାର ଜନଜାତି ମହିଳାମାନେ। ସେମାନେ ଫିନାଇଲ ପ୍ରସ୍ତୁତ କରି ହୋଇପାରିଛନ୍ତି ଆତ୍ମନିର୍ଭରଶୀଳ। କିଛିଟା ଭିନ୍ନ କରି ଦେଖାଇବାର ପ୍ରୟାସ କରିଛନ୍ତି। ଘରର ଚାରି କାନ୍ଥ ଭିତରୁ ବାହାରି ଜିଲାର ଜନଜାତି ମହିଳାମାନେ ପ୍ରସ୍ତୁତ କରୁଛନ୍ତି ଫିନାଇଲ। ରାଜ୍ୟ ସରକାରଙ୍କ ଆହ୍ୱାନକୁ ସାକାର କରିପାରିଛନ୍ତି ଏହି ନବରଙ୍ଗପୁର ଭଳି ଉପାନ୍ତ ଜିଲା ପାପଡାହାଣ୍ଡି ବ୍ଲକ ଡୁରୁଞ୍ଜିଆଗୁଡା ତୁଳସୀ ଏସ୍‌ଏଚ୍‌ଜିର ଆଦିବାସୀ ମହିଳାମାନେ।

ଗାଁର ୧୦ଜଣ ମହିଳାଙ୍କୁ ନେଇ ତିଆରି ହୋଇଛି ତୁଳସୀ ସ୍ୱୟଂ ସହାୟିକା ଦଳ। ଏହି ଦଳର ମହିଳାମାନେ ପ୍ରସ୍ତୁତ କରୁଛନ୍ତି ବିଭିନ୍ନ ପ୍ରକାରର ଫିନାଇଲ । କେନ୍ଦ୍ରୀୟ ଜୀବ ବିଜ୍ଞାନ ସଂସ୍ଥାନ ସହଯୋଗରେ ଏହି ମହିଳାମାନଙ୍କୁ ଜିଲା ଓରମାସ ପକ୍ଷରୁ ତାଲିମ ପ୍ରଦାନ କରଯାଇଥିଲା। ତାଲିମ ନେଲା ପରେ ସେମାନେ ସମ୍ମିଳିତଭାବେ ଆରମ୍ଭ କଲେ ଫିନାଇଲ ପ୍ରସ୍ତୁତି। ପାଇନ ଅଏଲ, ପରଫ୍ୟୁମ, ତରଳ କଷ୍ଟିକ ସୋଡା ଓ ରଙ୍ଗକୁ ନେଇ ତିଆରି କରାଯାଉଛି ଫିନାଇଲ। ନିର୍ଦ୍ଦିଷ୍ଟ ଭାଗମାପରେ ଏହି ରାସାୟନିକ ପଦାର୍ଥର ସମ୍ମିଶ୍ରଣ କରି ଏମାନେ ସତର୍କତାର ସହ ପ୍ରସ୍ତୁତ କରୁଛନ୍ତି ଫିନାଇଲ। ଫିନାଇଲ ପ୍ରସ୍ତୁତ ହେବା ପରେ ଏହାକୁ ୧ ଲିଟର ଓ ୫ ଲିଟର ବୋତଲରେ ଭର୍ତ୍ତି କରି ବଜାରରେ ବିକ୍ରି କରିଥାନ୍ତି। ଏକ ଲିଟର ବୋତଲ ଫିନାଇଲ ଦାମ ୪୦ ଟଙ୍କା ଥିବା ବେଳେ ୫ ଲିଟର ବୋତଲର ଦାମ ରହିଛି ୧୮୦ ଟଙ୍କା। ଗାଁ ରେ ମହିଳାମାନେ ଘରକୁ ଘର ଯାଇ ଫିନାଇଲ ବିକ୍ରି କରୁଥିବା ବେଳେ ଆଖପାଖ ଗାଁର ଲୋକେ ଡୁରୁଞ୍ଜିଆଗୁଡାକୁ ଆସି ସେମାନଙ୍କ ଠାରୁ ଫିନାଇଲ କିଣି ନେଉଛନ୍ତି। ବଜାରରେ ବିକ୍ରି ହେଉଥିବା ଫିନାଇଲରୁ ପ୍ରାୟ ଅଧା ଦାମରେ ତୁଳସୀ ସ୍ୱୟଂ ସହାୟିକା ଦଳ ଫିନାଇଲ ବିକ୍ରି କରୁଥିବାରୁ ଏହାର ଚାହିଦା ଅଧିକ ରହିଛି। ଗାଁ ଲୋକେ ବି ବେଶ ଖୁସି। ତୁଳସୀ ଗ୍ରୁପର ମହିଳା ଫିନାଇଲ ବିକି ନିଜେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ବୋଲି କହିଛନ୍ତି ଗ୍ରାମବାସୀ ଓ ବୁଦ୍ଧିଜୀବୀ। ଇଚ୍ଛାଶକ୍ତି ଓ ଏକତାର ବଳରେ ଆଗକୁ ବଢୁଛନ୍ତି ଏଇ ମହିଳାମାନେ। ଆତ୍ମନିର୍ଭରଶୀଳ ଭାରତ ଗଠନ ଆହ୍ୱାନ ଓ ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣରୁ ପ୍ରେରଣା ପାଇଲୁ। ଏବେ ଫିନାଇଲ ପ୍ରସ୍ତୁତ କରି ରୋଜଗାରକ୍ଷମ ହେବାସହ ନିଜେ ସ୍ୱାବଲମ୍ବୀ ହୋଇ ପାରିଛୁ ବୋଲି ଏସ୍‌ଏଚ୍‌ଜି ଗ୍ରୁପର ସଦସ୍ୟ ମଙ୍ଗଳ ଦେଇ ଭତ୍ରା କହିଛନ୍ତି।

# ଆଣ୍ଟି ରାଗିଂକୁ ନେଇ ଅଭିଭାବକ-ଶିକ୍ଷକ ସମ୍ମିଳନୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଭିଭାବକ ଏବଂ ଛାତ୍ରୀଛାତ୍ର।

**ଗୁଣପୁର, ୨୭।୭(ଡି.ଏନ୍.ଏ)**

ଗୁଣପୁର ବ୍ଲକ ଡମ୍ବସରା ସ୍ଥିତ ଯୁକ୍ତ ୨ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଆଣ୍ଟି ରାଗିଂ ପ୍ରସଙ୍ଗକୁ ନେଇ ଅଭିଭାବକ-ଶିକ୍ଷକ ସମ୍ମିଳନି ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବିଦ୍ୟାଧର ନାହାକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅଧ୍ୟାପକ ଶେଷସାୟୀ ସେନାପତି, ନିଖିଳେଶ ଜେନା, ସନ୍ତୋଷ ହୋତା, ମୁଖ୍ୟ କିରାଣି ସହଦେବ ମଲିଫୁଲ ପ୍ରମୁଖ ମଞ୍ଚାସୀନ ଥିଲେ। ଆଣ୍ଟି ରାଗିଂ ବ୍ୟତୀତ ପିଲାଙ୍କ ଶିକ୍ଷାରେ ସମସ୍ତଙ୍କର ଭୂମିକା ଏବଂ ଅନ୍ୟ ପ୍ରସଙ୍ଗରେ ମଧ ଆଲୋଚନା ହୋଇଥିଲା। ଶିକ୍ଷା ବିଭାଗର ଅଧ୍ୟାପକ ପ୍ରଶାନ୍ତ ହୋତା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଭିଭାବକ ମାନଙ୍କ ପକ୍ଷରୁ ଅନ୍ତର୍ଯାମୀ ସେନାପତି ନିଜର ମତ ଉପସ୍ଥାପନ କରିଥିଲେ। ଶିକ୍ଷକ ଭାସ୍କର ସାମନ୍ତରା ଧନ୍ୟବାଦ ଦେଇଥିଲେ।

# ମୁନିଗୁଡା ଲିଭିଂ ଫାର୍ମ୍‌ସ ଏନ୍‌ଜିଓରେ ଦୁର୍ନୀତି

**ରାୟଗଡ଼ା ଅଫିସ, ୨୭।୭**

**ଜିଲାପାଙ୍କ ଦ୍ୱାରସ୍ଥ ହେଲେ କର୍ମଚାରୀ**

ରାୟଗଡ଼ା ଜିଲା ମୁନିଗୁଡ଼ା ସ୍ଥିତ ଲିଭିଂ ଫାର୍ମ୍‌ସ ଏନ୍‌ଜିଓରେ ଦୁର୍ନୀତି ଅଭିଯୋଗ ହୋଇଛି। ଏ ନେଇ ବୁଧବାର ଏନ୍‌ଜିଓ କର୍ମଚାରୀମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଠାରେ କାର୍ଯ୍ୟରତ ଗ୍ରାଉଣ୍ଡ ଲେଭଲ ଷ୍ଟାଫ ମାନଙ୍କୁ ସହଯୋଗ କରିବା ପାଇଁ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ସ୍ୱେଚ୍ଛାସେବୀଙ୍କୁ ମାସିକ ୧୫୦ଟଙ୍କା ହାରରେ ବେତନ ଦିଆଯାଉଥିବା ବେଳେ ନଭେମ୍ବର ୨୦୧୮ରୁ ୨୦୧୯ ସେପ୍ଟେମ୍ବର ପର୍ଯ୍ୟନ୍ତ ସେମାନଙ୍କୁ ପ୍ରାପ୍ୟ ଦିଆଯାଉ ନାହିଁ। ଏନ୍‌ଜିଓର ଉଚ୍ଚପଦସ୍ଥ ଅଧିକାରୀମାନେ ଟଙ୍କା ହରିଲୁଟ କରିଥିବା ନେଇ କର୍ମଚାରୀ ମଧୁସୂଦନ ମହାପାତ୍ର, ଇନ୍ଦ୍ରାଣୀ ପଟ୍ଟନାୟକ, ବିପିନ କାରକା, ରାନୁ ହିକ୍‌କା, ବିପ୍ର କରକରିଆ, ଶୁକଦେବ ଟାକ୍ରି, ସୁଦରା ପିଡିକାକା, ଉମାଶଙ୍କର ସେଠୀ ପ୍ରମୁଖ ଲିଖିତ ଅଭିଯୋଗ କରିଛନ୍ତି। ୨୦୧୬ରେ ଆରମ୍ଭ ହୋଇ ୨୦୧୯ରେ ସରିବାକୁ ଥିବା ଏପିପିଆଇ ପ୍ରୋଜେକ୍ଟ ଏପ୍ରିଲ ୨୦୧୯ରେ ବନ୍ଦ ହୋଇଗଲା କହି କର୍ମଚାରୀ ମାନଙ୍କୁ ଛଟେଇ କରିଥିଲେ। ଚଞ୍ଚକତା କରି ପ୍ରକଳ୍ପରେ କାମ କରୁ ନ ଥିବା ବାହାର ଲୋକଙ୍କ ଆକାଉଣ୍ଟକୁ ଛଟେଇ କର୍ମଚାରୀଙ୍କ ଦରମା ଟ୍ରାନ୍ସଫର କରୁଥିଲେ ବୋଲି ଅଭିଯୋଗ ହୋଇଛି। ଏନ୍‌ଜିଓର ଅଧିକାରୀମାନେ ହାଟମୁନିଗୁଡ଼ାର କ୍ଷେତ୍ର କର୍ମଚାରୀ ଉମାକାନ୍ତ ମିଶ୍ରଙ୍କ ୩ମାସର ଦରମା ଉଠାଇ ନେଇଥିବା ବେଳେ ବିଷମକଟକ ବ୍ଲକର ହାଜାରିଡାଙ୍ଗ ପଞ୍ଚାୟତରେ କାର୍ଯ୍ୟରତ ରାନୁ ହିକ୍‌କାଙ୍କ ୨୦୧୮ ଡିସେମ୍ବରରୁ ୨୦୧୯ ଏପ୍ରିଲ ପର୍ଯ୍ୟନ୍ତ ଦରମା ପ୍ରଦାନ କରିନାହାନ୍ତି ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ସେହିପରି ଅନ୍ୟ ଜିଲା ଓ ରାଜ୍ୟକୁ ଯାଇ କର୍ମଚାରୀମାନେ ତାଲିମ ଦେଉଥିବା ବେଳେ ସେ ବାବଦକୁ ଆସୁଥିବା ଟଙ୍କା ମଧ ବାଧକରି ନେଇଯାଉଥିବା ଅଭିଯୋଗ ହୋଇଛି। ସମସ୍ତ ବିଷୟକୁ ନେଇ ଏନଜିଓର ସିଇଓ ଦେବବ୍ରତ ଚୌଧୁରୀଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ଏହି ଏନ୍‌ଜିଓ ଆଦିବାସୀ ଓ ଦଳିତ ପରିବାରଙ୍କ ବିକାଶ ପାଇଁ କାର୍ଯ୍ୟ କରୁଥିବା ବେଳେ ଉପରିସ୍ଥ ଅଧିକାରୀମାନେ ଅଲଗା ପାଣ୍ଠିରୁ ଟଙ୍କା ଆଣି ନିଜ ବ୍ୟକ୍ତିଗତ ବିକାଶ କରୁଛନ୍ତି କର୍ମଚାରୀମାନେ ଅଭିଯୋଗ କରିଛନ୍ତି।

# ଏସ୍‌ଏସ୍‌ଭିଏମ୍‌ରେ ବିଜ୍ଞାନ ମେଳା ଅନୁଷ୍ଠିତ

**ଗୁଣପୁର, ୨୭।୭(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର(ଏସ୍‌ଏସ୍‌ଭିଏମ୍)ରେ ମଙ୍ଗଳାବର ବିଦ୍ୟାଳୟ ସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସରକାରୀ ହାଇସ୍କୁଲର ଜ୍ଞାନ ଶିକ୍ଷକ ପ୍ରସନ୍ନ କୁମାର ତ୍ରିପାଠୀ, ମୃତ୍ୟୁଞ୍ଜୟ ସ୍ୱାଇଁ, ଶହୀଦ ଲକ୍ଷ୍ମଣ ନାୟକ ସ୍ମାରକୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶିବ ପ୍ରସାଦ ମିଶ୍ର, ବିଚାରକ ମଣ୍ଡଳୀ ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ଗୁରୁଜୀ କରନ କନ୍ହେବେହେରା, ପରିତ୍ରାଣ ମହାପାତ୍ର ଓ ଆଚାର୍ଯ୍ୟା ମମତା ସାହୁ ପରିଚାଳନା କରିଥିଲେ। ଶିଶୁମାନେ ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପ୍ରଶ୍ନ ମଞ୍ଚ ଓ ବିଜ୍ଞାନ ପତ୍ରବାଚନ ଆଦିରେ ଭାଗ ନେଇଥିଲେ।

# ମାଁ ମାର୍କମା କଲେଜରେ କାର୍ଗିଲ୍ ବିଜୟ ଦିବସ ପାଳିତ

**ବିଷମକଟକ, ୨୭।୭ (ଡି.ଏନ୍.ଏ.)**

ରାୟଗଡା ଜିଲା ବିଷମକଟକ ସ୍ଥିତ ମାଁ ମାର୍କମା କଲେଜରେ କାର୍ଗିଲ୍ ବିଜୟ ଦିବସ ମଙ୍ଗଳବାର ପାଳତ ହୋଇଯାଇଛି। ମାଁ ମାର୍କମା ଯୁକ୍ତ ୩ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଭା ହୋଇଥିଲା। ଏଥିରେ ଏନ୍‌ସିସି ଅଫିସର ତଥା ଅଧକ୍ଷ କ୍ୟାପଟେନ୍ ବି. ରବିଶଙ୍କରଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଯୁକ୍ତ ୨ ବିଭାଗର ଏନ୍‌ଏସ୍‌ଏସ୍ ଅଫିସର ପ୍ରଦୀପ୍ତ କୁମାର ଭଞ୍ଜ ଯୋଗ ଦେଇଥିଲେ। ଯୁକ୍ତ ୩ ବିଭାଗର ଏନ୍‌ଏସ୍‌ଏସ୍ ଅଧିକାରୀ ଅଶ୍ୱିନୀ କୁମାର ପଣ୍ଡା, ନିରଞ୍ଜନ ପାଢ଼ୀ ଓ ଦୀପ୍ତିରାଣୀ ଏହାର ମିଶ୍ର ପରିଚାଳନା କରିଥିଲେ। ଯବାନମାନଙ୍କ ଭାରତ ମାଟି ପାଇଁ ଅବଦାନ ଓ ବଳିଦାନ ବିଷୟରେ ମନେ ପକାଇଥିଲେ। ଶହୀଦଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# କୃଷି ବିଭାଗ ପକ୍ଷରୁ ଚାରାରୋପଣ




କୃଷି କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

**ଗୁଣପୁର, ୨୭।୭(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର କୃଷି କାର୍ଯ୍ୟାଳୟ ଠାରେ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା କୃଷି ଅଧିକାରୀ ରାମଚନ୍ଦ୍ର ଦାସ, ଗୁଣପୁର କୃଷି ଜିଲା ଅଧିକାରୀ ବିଷ୍ଣୁ ପ୍ରସାଦ ସାହୁ, ଭାରପ୍ରାପ୍ତ କୃଷି ଅଧିକାରୀ ସନ୍ତୋଷ ରଥଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ରହି ଚାରାରୋପଣ କରିବା ସହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା
ପ୍ରଥମ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ୟୁନିଟ୍-୫, ଭୁବନେଶ୍ୱର

### ରାଜ୍ୟ ହସ୍ତଶିଳ୍ପ ପୁରସ୍କାର - ୨୦୨୧

No. PP-26: ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାରିଗରି କୃତି ପାଇଁ ସମ୍ମାନିତ କରିବା ନିମନ୍ତେ ରାଜ୍ୟ ସରକାର **ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ଓ 'ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର'** ପ୍ରଦାନ କରିଆସୁଛନ୍ତି। ଏହି କାର୍ଯ୍ୟକ୍ରମ ଅନୁଯାୟୀ ୨୦୨୧ ବର୍ଷ ପାଇଁ ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

**ଆବେଦନ ପ୍ରଣାଳୀ:**

**୧. ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର (Life Time Achievement Award)**

ରାଜ୍ୟ ହସ୍ତଶିଳ୍ପ କାରିଗରମାନଙ୍କ ମଧ୍ୟରୁ ପ୍ରତି ବର୍ଷ ଏକ ଜଣଙ୍କୁ ତାଙ୍କର ହସ୍ତଶିଳ୍ପ ବିକାଶରେ ଅନବଦ୍ୟ ଅବଦାନ ପାଇଁ ଜୀବନ ବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର ପ୍ରଦାନ କରାଯାଏ। ଏଥିନିମନ୍ତେ ଯୋଗ୍ୟ ହସ୍ତଶିଳ୍ପୀ ପ୍ରାର୍ଥୀମାନଙ୍କଠାରୁ ୨୦୨୧ ମସିହାର ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।

ଏହି ପୁରସ୍କାର ପାଇଁ ଯୋଗ୍ୟ ହସ୍ତଶିଳ୍ପ କାରିଗରମାନେ ସେମାନଙ୍କ ତଥ୍ୟ ସହ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ସମ୍ପୃକ୍ତ ଜିଲ୍ଲା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ତା୨୬।୧୦।୨୦୨୨ରିଖ ସୁଦ୍ଧା ଆବେଦନ କରିବାକୁ ଅନୁରୋଧ।

**ପ୍ରାର୍ଥୀଙ୍କ ଯୋଗ୍ୟତା:**

୧) ଓଡ଼ିଶାର କାରିଗର ହୋଇଥିବେ
୨) ବୟସ ସୀମା: ସର୍ବନିମ୍ନ ବୟସ ସୀମା ୬୦ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ।

ପୁରସ୍କାର ରାଶି: ଟ.୫,୦୦,୦୦୦ଙ୍କା (ପାଞ୍ଚ ଲକ୍ଷ ଟଙ୍କା) ସହିତ ମାନପତ୍ର।

**୨. ରାଜ୍ୟ ହସ୍ତଶିଳ୍ପ ପୁରସ୍କାର (State Handicraft Awards)**

ଇଚ୍ଛୁକ ହସ୍ତଶିଳ୍ପୀମାନେ ଉକ୍ତ ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ନିର୍ଦ୍ଧାରିତ ଆବେଦନ ପତ୍ର ସହ ନିଜର କଳାକୃତି ନମୁନା ଓ ତତ୍ ସମ୍ବନ୍ଧୀୟ ସମସ୍ତ ପ୍ରମାଣ ପତ୍ର ଓ ସ୍ୱହସ୍ତ ନିର୍ମିତ କଳାକୃତିର ଫଟୋ (8" × 10")ର ଦୁଇକିତା ନକଲ ଜିଲ୍ଲା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ୨୬।୧୦।୨୦୨୨ ମଧ୍ୟରେ ଦାଖଲ କରିବା ଆବଶ୍ୟକ।

**ଯୋଗ୍ୟତା:**

୧) ପ୍ରାର୍ଥୀ ଓଡ଼ିଶାର କାରିଗର ହୋଇଥିବେ।
୨) ସର୍ବନିମ୍ନ ବୟସ ସୀମା ୩୦ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବ।
୩) ପୂର୍ବରୁ କୌଣସି ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇ ନ ଥିବେ।
୪) କୌଣସି ଏକ ପ୍ରତିକୃତି ଥରେ ପ୍ରଦାନ କରାଯାଇଥିଲେ, ଦ୍ୱିତୀୟ ଥର ତାହା ଅନ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ଗ୍ରହଣ କରାଯିବ ନାହିଁ।
୫) ଚୟନ ପ୍ରକ୍ରିୟା - ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ୫୦ ଗୋଟି ହସ୍ତଶିଳ୍ପକୁ ୨ ଭାଗରେ ବିଭକ୍ତ କରାଯାଇଛି।
କ) ବିଭାଗ - ପଥର ଖୋଦେଇ, କାଠ ଖୋଦେଇ, ପଟ୍ଟ ଓ ଟସର ଚିତ୍ର, ରୁପା ତାରକସି କାମ ଓ ତାଳପତ୍ର ଖୋଦେଇ।
ଖ) ବିଭାଗ - କ ବିଭାଗରେ ବର୍ଣ୍ଣିତ ହସ୍ତଶିଳ୍ପ ବ୍ୟତୀତ ଅବଶିଷ୍ଟ ୪୫ଗୋଟି ହସ୍ତଶିଳ୍ପ।
'କ' ବିଭାଗରୁ ୩ଟି ହସ୍ତଶିଳ୍ପ ପ୍ରତିକୃତି ଓ 'ଖ' ବିଭାଗରୁ ୩ଟି ହସ୍ତଶିଳ୍ପ ପ୍ରତିକୃତି ଚୟନ ମଣ୍ଡଳୀ ଦ୍ୱାରା ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ବଛାଯାଇ ସରକାରଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପ୍ରେରଣ କରାଯିବ।
**ପୁରସ୍କାର ରାଶି: ଟ.୧,୦୦,୦୦୦ଙ୍କା (ଏକ ଲକ୍ଷ ଟଙ୍କା) ସହିତ ପ୍ରମାଣ ପତ୍ର।**

**୩. କଳାକୃତି ପୁରସ୍କାର (Kalakruti Award)**

ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ନିମନ୍ତେ ଆବେଦନ କରିଥିବା ପ୍ରତିକୃତିମାନଙ୍କ ମଧ୍ୟରୁ ୨ଗୋଟି 'କ' ବିଭାଗରୁ ଓ ୨ଗୋଟି 'ଖ' ବିଭାଗରୁ କଳାକୃତି ପୁରସ୍କାର ନିମନ୍ତେ ଚୟନ କରାଯିବ।

**ଯୋଗ୍ୟତା: ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ସହ ସମାନ।**

**ପୁରସ୍କାର ରାଶି: ଟ.୧୦,୦୦୦ଙ୍କା (ଦଶ ହଜାର ଟଙ୍କା) ସହିତ ପ୍ରମାଣ ପତ୍ର।**

**ବି.ଦ୍ର.:** ଉପରୋକ୍ତ ପୁରସ୍କାର ଯୋଜନାରେ ଅଂଶ ଗ୍ରହଣ ପାଇଁ ଦରଖାସ୍ତ କରିବାର ଆବଶ୍ୟକ ଆବେଦନ ଫର୍ମ ଓ ସବିଶେଷ ତଥ୍ୟ ସମ୍ପୃକ୍ତ ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ମିଳିପାରିବ। ଅସମ୍ପୂର୍ଣ୍ଣ ଥିବା ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।

**OIPR-31034/11/0013/2223** ସ୍ୱା./- ନିର୍ଦ୍ଦେଶକ, ହସ୍ତଶିଳ୍ପ, ଓଡ଼ିଶା

# ଘଡାଇ ଆବାସିକ ବିଜ୍ଞାନ ମହାବିଦ୍ୟାଳୟର ୯୯% ପାସ

■ ଯୁକ୍ତ ୨ ପରୀକ୍ଷା ଫଳ
■ ହେମନ୍ତ ପଣ୍ଡା ୯୪ ପ୍ରତିଶତ ରଖି ବିଦ୍ୟାଳୟ ଟପ୍ପର୍



ମାଲକାନଗିରି,୨୭।୭ (ଡି.ଏନ୍.ଏ)

ବୁଧବାର ଯୁକ୍ତ ଦୁଇ ବିଜ୍ଞାନ ଦ୍ୱିତୀୟ ବର୍ଷର ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି। ମାଲକାନଗିରି ସଦର ମହକୁମା ଘଡେଇ ଆବାସିକ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ୯୯ ପ୍ରତିଶତ ପାସ୍ ହୋଇଛନ୍ତି। ଏହି ମହାବିଦ୍ୟାଳୟରେ ୨୧୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥିରୁ ୨୦୯ ଜଣ ପାସ୍ କରିଛନ୍ତି। ସେଥିରୁ ୧୬୪ ଜଣ ପ୍ରଥମ ସ୍ଥାନରେ ପାସ ହୋଇଥିବା ବେଳେ ୩୭ ଜଣ ଦ୍ୱିତୀୟ ସ୍ଥାନ ଓ ୮ଜଣ ତୃତୀୟ ସ୍ଥାନରେ ପାସ କରିଛନ୍ତି। ସେହିପରି ଓଁ ଭୁର୍ଭୁବଃସ୍ୱଃ ଆବାସିକ ବିଦ୍ୟାଳୟରେ ମୋଟ ୨୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥିରୁ ୧୦ ଜଣ ପ୍ରଥମ ଶ୍ରେଣୀ, ୧୧ ଜଣ ଦ୍ୱିତୀୟ ଶ୍ରେଣୀ, ୨ ଜଣ ତୃତୀୟ ଶ୍ରେଣୀରେ ପାସ୍ କରି ଶତ ପ୍ରତିଶତ ପଳାଫଳ ହାସଲ କରିଛନ୍ତି। ତେବେ ଓଁ ଭୁର୍ଭୁବଃସ୍ୱଃ ଆବାସିକ ବିଦ୍ୟାଳୟର ସୁଶିଲ ନାୟକ ୪୭୫ ମାର୍କ ରଖି ଟପ୍ପର ହୋଇଛନ୍ତି। ଘଡାଇ ଆବାସିକ ବିଦ୍ୟାଳୟର ହେମନ୍ତ ପଣ୍ଡା ସର୍ବାଧିକ ୫୬୨ ନମ୍ବର ରଖି ଟପ୍ପର ହୋଇଛନ୍ତି। ସରକାରୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟରେ ୧୨୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥିରୁ ୯୨ ଜଣ ପାସ କରିଛନ୍ତି। ୧୭ ଜଣ ପ୍ରଥମ ଶ୍ରେଣୀରେ ପାସ କରିଥିବା ବେଳେ ୪୫ ଜଣ ଦ୍ୱିତୀୟ ଶ୍ରେଣୀ, ୩୦ ଜଣ ତୃତୀୟ ଶ୍ରେଣୀରେ ପାଶ କରିଛନ୍ତି। ତେବେ ପ୍ରୀତିରାଣୀ ପଟଲା ମୋଟ ୪୮୮ ନମ୍ବର ରଖି ମହାବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ସେହିପରି ସତ୍ୟନାରାୟଣ ଜିଏନମ୍ ଆବାସିକ ମହାବିଦ୍ୟାଳୟରେ ୮୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୬୩ ଜଣ ପ୍ରଥମ ଶ୍ରେଣୀ, ୧୬ ଜଣ ଦ୍ୱିତୀୟ ଶ୍ରେଣୀ ଓ ୨ ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। ଏହି ମହାବିଦ୍ୟାଳୟର ପ୍ରତାପ ମିସ୍ତ୍ରୀ ସର୍ବାଧିକ ୫୬୯ ନମ୍ବର ରଖି ଜିଲାରେ ଟପ୍ପର ହୋଇଥିବା ଜଣାପଡିଛି। ସେହିପରି ବାଲିମେଳା ବିଜ୍ଞାନ ମହାବିଦ୍ୟାଳୟରେ ୩୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୩୨ ଜଣ ପାସ କରିଛନ୍ତି। ସୁଶ୍ରୀ ସୁମନ ସାହୁ ମୋଟ ୪୬୩ ନମ୍ବର ରଖି ମହାବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ମାଲକାନଗିରି ମହାବିଦ୍ୟାଳୟର ୫୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୫୩ ପାସ୍ କରି ଶତ ପ୍ରତିଶତ ପାସହାର ହୋଇଛି। ସେଥିରୁ ୧୬ ଜଣ ପ୍ରଥମ ସ୍ଥାନରେ ପାସ୍ କରିଥିବା ବେଳେ ମହାବିଦ୍ୟାଳୟର କାବ୍ୟା ମୁର୍ମୁ ୭୭ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି।

## ଅଧିକ ଆଶା ଥିଲା, ତଥାପି ଖୁସି

ମୁଁ ପାଠ ପାଇଁ ଅଧିକ ସମୟ ଦେଉଥିଲି। ଶ୍ରେଣୀରେ ପାଠପଢ଼ା ସମୟରେ ବାରମ୍ବାର ପଚାରି ସମସ୍ତ ସନ୍ଦେହ ଦୂର କରୁଥିଲି। କରୋନା ସମୟରେ ଅନ୍‌ଲାଇନ୍ କ୍ଲାସ ଯୋଗୁ ସମସ୍ୟା ହୋଇଥିଲା। ଆହୁରି ଅଧିକ ନମ୍ବର ରଖିବି ବୋଲି ଆଶାଥିଲା। ତଥାପି ୯୪ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଥିବାରୁ ଖୁସି। ଏଥିପାଇଁ କଲେଜର ଅଧ୍ୟକ୍ଷ, ଅଧ୍ୟାପିକା ଅଧ୍ୟାପକ ଏବଂ ମା' ବାପାଙ୍କୁ ଶ୍ରେୟ ଦେବି।

**– ହେମନ୍ତ କୁମାର ପଣ୍ଡା**
**ଘଡ଼େଇ ଆବାସିକ ବିଜ୍ଞାନ**
**ମହାବିଦ୍ୟାଳୟ, ମାଲକାନଗିରି**

# ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷଙ୍କ କେନ୍ଦ୍ରୀୟ ବିଦ୍ୟାଳୟ ଗସ୍ତ



ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

ମାଲକାନଗିର,୨୭।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଓ ସଦସ୍ୟ ବୁଧବାର କେନ୍ଦ୍ରୀୟ ବିଦ୍ୟାଳୟ ଗସ୍ତ କରି ଶିଶୁଙ୍କ ପଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ ଅନୁଧ୍ୟାନ କରିଛନ୍ତି। ମାଲକାନଗିରି ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ସଦସ୍ୟ ସୁନାକର ପାଳ ଜିଲା ସଦର ମହକୁମାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ଗସ୍ତ କରି ବିଦ୍ୟାଳୟର ଭିତିଭୂମି ସହ ଆନୁସଙ୍ଗିକ ସୁବିଧା ସୁଯୋଗ ଅନୁଧ୍ୟାନ କରିଥିଲେ। ଏହି ସମୟରେ ପରିସ୍ରାଗାରଗୁଡ଼ିକ ଭଙ୍ଗାରୁଜା ଅବସ୍ଥାରେ ଥିବା ଏବଂ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ବିଦ୍ୟାଳୟ ରଙ୍ଗ ହୋଇ ନ ଥିବା ଦେଖିବାକୁ ପାଇଥିଲେ। ଏଥିସହ ବିଭିନ୍ନ ଶ୍ରେଣୀଗୃହର ମରାମତି,ଛାତ୍ରୀଛାତ୍ରୀଙ୍କ ବସିବା ପାଇଁ ଥିବା ଚେୟାର ଓ ଟେବୁଲର ମରାମତି ଓ ପଦାର୍ଥ ବିଜ୍ଞାନର ପିଜିଟିର ଆବଶ୍ୟକ ଥିବା ଉପଲବଧ କରିଥିଲେ। ଶିକ୍ଷା ଅଧିକାର ଆଇନ–୨୦୦୯ ଓ ଜାତୀୟ ଶିଶୁ ସୁରକ୍ଷା ଅଧିକାରର ଖିଲାପ ହୋଇଥିବାରୁ କମିଟି କ୍ଷୋଭ ପ୍ରକାଶ କରି ଶୀଘ୍ର ଏହି କାର୍ଯ୍ୟଗୁଡ଼ିକୁ ଶେଷ କରିବାକୁ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଧ୍ୟକ୍ଷ ପରିଶ୍ରାଗାର ମରାମତି ପାଇଁ ପୌର ପରିଷଦ ଓ ବିଦ୍ୟାଳୟ ମରାମତି ପାଇଁ ରାସ୍ତା ଓ ଗୃହ ବିଭାଜନ ବିଭାଗକୁ ପତ୍ର ଲେଖିଥିବା କହିଥିଲେ। ବିଦ୍ୟାଳୟର ସମସ୍ୟା ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ କମିଟି ପକ୍ଷରୁ ଅବଗତ କରାଯିବ ବୋଲି ଅଧ୍ୟକ୍ଷ ପଟ୍ଟନାୟକ କହିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକ ଆହତ

**ମାଲକାନଗିରି, ୨୭।୭(ଡି.ଏନ.ଏ.):** ମାଲକାନଗିରି ଜିଲା ଏମ୍‌ଭି- ୭ଗ୍ରାମ ନିକଟରେ ବୁଧବାର ଏକ ମୋଟର ସାଇକେଲ ଏବଂ ଏକ ସ୍କୋପିଓ ମଧ୍ୟରେ ଦୁର୍ଘଟଣା ଘଟି ବାଇକ୍ ଚାଳକ ଆହତ ହୋଇଛନ୍ତି। ସ୍କୋର୍ପିଓ କାଲିମେଲା ଅଭିମୁଖେ ଯାଉଥିବା ବେଳେ ଶିଖପାଲିରୁ ମାଲକାନଗିରି ଅଭିମୁଖେ ଆସୁଥିବା ଏକ ବାଇକ୍ ଚାଳକଙ୍କୁ ଧକ୍କା ଦେଇଥିଲା ଫଳରେ ସେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଆହତ ବ୍ୟକ୍ତି ଜଣଙ୍କ ସୁକାନ୍ତ ମାଡକାମୀ, ତାଙ୍କ ଘର ସିଆଡିମାଳ ଗ୍ରାମରେ ବୋଲି ଜଣାପଡିଛି।

### କୋରୁକୋଣ୍ଡାରେ ହତ୍ୟାକାଣ୍ଡ

**କୋରୁକୋଣ୍ଡା ୨୭।୭ (ଡି.ଏନ. ଏ):** ମାଲକାନଗିରି ସଦର ଥାନା ଅନ୍ତର୍ଗତ କୋରୁକୋଣ୍ଡା ସଦର ମହକୁମାରେ ବୁଧବାର ଏକ ହତ୍ୟାକାଣ୍ଡ ଘଟିଛି । ଏହାକୁ ନେଇ ଅଞ୍ଚଳରେ ଆଲୋଡୋନା ସୃଷ୍ଟି ହୋଇଛି । କୋରୁକୋଣ୍ଡା ଗ୍ରାମର ଭୀମ ଦାସ (୫୫) ବୁଧବାର ମଧ୍ୟାହ୍ନରେ ଘରୁ ମଙ୍ଗଳା ମନ୍ଦିର ନିକଟରେ ଥିବା ନିଜ ଜମିକୁ ବାଉଁଶ ଆଣିବା ପାଇଁ ଯାଇଥିଲେ। ସେ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଜମିକୁ ଯାଇ ଖୋଜାଖୋଜି କରିଥିଲେ। ତେବେ ବାଉଁଶବୁଦା ମୂଳରେ ରକ୍ତ ପଡିଥିବା ଦେଖି ପରିବାର ଲୋକେ ତାଙ୍କୁ ଆଖପାଖ ସ୍ଥାନରେ ଖୋଜାଖୋଜି କରିଥିଲେ। ତେବେ ବାଉଁଶବୁଦା ମୂଳରୁ ରକ୍ତଛିଟା ପଡି ଘୋଷାରି ହୋଇ ଯାଇଥିବା ଚିହ୍ନ ଦେଖି ସେହି ଅନୁସାରେ ପରିବାର ଲୋକେ ନିକଟରେ ଥିବା ନାଳ ନିକଟରେ ଭୀମଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ । ଭୀମଙ୍କ ମୁଣ୍ଡ ପଛ ପଟେ ଗଭୀର ଆଘାତ ଥିବା ଦେଖିବାକୁ ମିଳିଥିଲା। ଭୀମ ବାଉଁଶ କାଟିବା ନିମନ୍ତେ ନେଇଥିବା ଟାଙ୍ଗିଆଟି ପରିବାର ଲୋକେ ଦେଖିବାକୁ ପାଇ ନ ଥିଲେ । ଏନେଇ ପରିବାର ଲୋକେ ମାଲକାନଗିରି ଥାନାକୁ ଖବର ଦେବା ପରେ ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଘଟଣାର ତଦନ୍ତ ଜାରି ରହିଛି। ଏହାକୁ ନେଇ ଅଞ୍ଚଳରେ ଭୟ ସୃଷ୍ଟି ପ୍ରକାଶ ପାଇଛି।

### ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ କର୍ମଶାଳା

**ଚିତ୍ରକୋଣ୍ଡା,୨୭।୭(ଡି.ଏନ.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଭାଗୃହରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଜିଲା ସାମଜିକ ସୁରକ୍ଷା ଅଧିକାରୀ ପଦ୍ମ ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ଅଧକ୍ଷା ସମାରି ତାଙ୍ଗୁଲ ଅଧକ୍ଷତା କରିଥିଲେ। ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ବିଡ଼ିଓ ରଘୁନାଥ ମୁଣ୍ଡାରୀ, ଉପାଧାକ୍ଷା ପଦ୍ମନାଭ ଦାନୀ ଉପସ୍ଥିତ ଥିଲେ। ବ୍ଲକର ୧୮ଟି ପଞ୍ଚାୟତର ପଞ୍ଚାୟତ ପ୍ରତିନିଧିମାନେ କର୍ମଶାଳାରେ ଯୋଗ ଦେଇଥିଲେ। ପଞ୍ଚାୟତ ପ୍ରତିନିଧିମାନଙ୍କୁ ବିଭିନ୍ନ ଭତ୍ତା କାର୍ଯ୍ୟକ୍ରମ, ଭୀମଭୋଇ ଭିନ୍ନକ୍ଷମ କାର୍ଯ୍ୟକ୍ରମରେ ଶାରୀରିକ, ବିକଳାଙ୍ଗ, ଦୃଷ୍ଟିବାଧିତ, ମୂକ, ଅକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ ଓ ସହାୟତା ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମ ରଞ୍ଜନ ଦାଶ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ବିଏସ୍ଏସ୍ଓ ଅମର ମାଡ଼କାମି ପରିଚାଳନା କରିଥିଲେ L

# ଭିଜିଲାନ୍ସର ଦ୍ୱାରସ୍ଥ ହେଲେ ଯୁବ ସଙ୍ଗଠନ



ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିବା ଯୁବ ସଙ୍ଗଠନର ସଦସ୍ୟମାନେ।

ଜୟପୁର,୨୭।୭ (ନି.ପ୍ର.)

**ଜୟପୁର ଆଇଟିଡିଏ କାର୍ଯ୍ୟାଳୟରେ ଦୁର୍ନୀତି ଅଭିଯୋଗ**

ଜୟପୁର ଆଇଟିଡିଏର ଟେଣ୍ଡର କମିଟିରେ ଅନିୟମିତତା ହୋଇଥିବା ନେଇ ଯୁବ ସଙ୍ଗଠନର ଅବାହକ ରବୀନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସଦସ୍ୟମାନେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ସଦସ୍ୟମାନେ କର୍ତ୍ତପକ୍ଷଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଗତ ୩।୩।୨୦୨୨ ବିଡ୍ ଆଇଡି–୩, ନୋଟିସ ନଂ. ୧୬୭ରେ ୮୨ଟି କାର୍ଯ୍ୟ ସକାଶେ ଜୟପୁର ଆଇଟିଡିଏ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ନୋଟିସର କ୍ରମିକ ସଂଖ୍ୟା–୩୬ରେ ଥିବା ଛାତ୍ରାବାସ ଗୃହ ନିର୍ମାଣ ଲାଗି ବୋରିଗୁମ୍ମା ବ୍ଲକର ୧୬୫ ଜଣ ଠିକାଦାର ଟେଣ୍ଡରରେ ଅଂଶଗ୍ରହଣ କରିଥିଲେ। ଏଥିରୁ ଠିକାଦାର ପଦ୍ମନ ହରିଜନ ୯.୯୯ ପ୍ରତିଶତରେ ଭାଗ ନେଇଥିବା ବେଳେ ପ୍ରଫୁଲ୍ଲ ମାଳି ୯.୯୯ ପ୍ରତିଶତରେ ଭାଗ ନେଇଥିଲେ। ଟେଣ୍ଡର ନୋଟିସର ନିୟମାବଳୀ –୧୬ରେ ଟେଣ୍ଡରର ୧୦ ପ୍ରତିଶତ ଏସସି କୋଟାରେ ପ୍ରଦାନ କରାଯିବା ନିୟମ ରହଛି। ଏହି ନିୟମ ଅନୁସାରେ ଠିକାଦାର ପଦ୍ମନଙ୍କୁ ସଫଳ ବିଡର ଭାବେ ଘୋଷଣା କରାଯିବା ଆବଶ୍ୟକ ଥିବା ବେଳେ ପି.ଏ. ଆଇଟିଡିଏ ଓ ଟେଣ୍ଡର କମିଟି ଏହାକୁ ଅଣଦେଖା କରିଥିବା ଅଭିଯୋଗ ହୋଇଛି।

ସେହିପରି ଦ୍ୱିତୀୟ ନୋଟିସର ନିୟମାବଳୀର କ୍ର.ନଂ.୭ ଅନୁସାରେ ଏପିଏସଡି ଟଙ୍କା ଏବଂ ସଫଳ ବିଡର ଭାବରେ ଚିଠି ପାଇବାର ୭ ଦିନ ମଧ୍ୟରେ ଟଙ୍କା ଡିପୋଜିଟ୍ ନ କଲେ ତାଙ୍କ ଟେଣ୍ଡର ରଦ୍ଦ କରାଯିବା ସହ ଲାଇସେନ୍ସକୁ କଳା ତାଲିକାଭୁକ୍ତ କରାଯିବାର ନିୟମ ରହିଥିଲେ ମଧ ନିର୍ଦ୍ଧିଷ୍ଟ ଜଣେ ଦୁଇଜଣ ଠିକାଦାର ସମୟ ମଧ୍ୟରେ ଏପିଏସଡି ଟଙ୍କା ନ ଦେଇ ନ ଥିଲେ ମଧ ପି.ଏ. ଆଇ.ଟି.ଡି.ଏ. ସେହି ଠିକାଦାରଙ୍କୁ ଅନୁକମ୍ପା ପ୍ରଦର୍ଶନ କରୁଛନ୍ତି । ଟେଣ୍ଡର ବାତିଲ ଓ ସମ୍ପୃକ୍ତ ଠିକାଦାରଙ୍କୁ କଳାତାଲିକାଭୁକ୍ତ କରିବା ପରିବର୍ତ୍ତେ ସେ ଠିକାଦାରଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। କ୍ରମିକ ସଂଖ୍ୟା–୧୨ ରେ ରହିଥିବା କାର୍ଯ୍ୟ ରଘୁନାଥ ସ୍ୱାଇଁ ଟେଣ୍ଡର ପାଇ ଆଜକୁ ୪ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଏଯାଏ ଏପିଏସଡି ଟଙ୍କା ଡିପୋଜିଟ କରିନାହାନ୍ତି। ତାଙ୍କ ଟେଣ୍ଡର ରଦ୍ଦ କରାଯିବା ସହ ଲାଇସେନ୍ସ କଳାତାଲିକାଭୁକ୍ତ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏଥିପ୍ରତି କୋରାପୁଟ ଜିଲାପାଳ, ୫–ଟି ସଚିବ, ଏସ୍‌ଟି ଏବଂ ଏସସି ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ପୋଖରୀରେ ବୁଡ଼ି ନାବାଳିକା ମୃତ

କାଲିମେଳା, ୨୭।୭(ଡି.ଏନ.ଏ. )

ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ଗିରିକାନପଲ୍ଲୀ ପଞ୍ଚାୟତ ପେଦାଗୁଡା ଗ୍ରାମରେ ଘଟିଛି ଏକ ଅଘଟଣ । ବିଦ୍ୟାଳୟରୁ ଫେରି ସାଙ୍ଗମାନଙ୍କ ସହ ଗାଧୋଇବାକୁ ଯାଇ ପୋଖରୀ ପାଣିରେ ବୁଡି ଯାଇ ଜଣେ ୯ ବର୍ଷର ନାବାଳିକାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପେଦାଗୁଡା ଗ୍ରାମର କସା ବେଟୀଙ୍କ ଝିଅ କିର୍ତ୍ତନା ବେଟୀ । କିର୍ତ୍ତନା ପେଦାଗୁଡା ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢଛନ୍ତି। ବୁଧବାର ସକାଳେ ବିଦ୍ୟାଳୟ ଯାଇ ଅପରାହ୍ନ ୪ଟାରେ ବିଦ୍ୟାଳୟ ଛୁଟି ହେବା ପରେ ସେ ଘରକୁ ଫେରି ସାଙ୍ଗମାନଙ୍କ ସହ ଗାଁଠାରୁ କିଛି ଦୂରରେ ଥିବା ପୋଖରୀକୁ ଗାଧୋଇବାକୁ ଯାଉଥିବା ମା' ମୁତାରାଣୀଙ୍କୁ କହିଥିଲେ। ଗ୍ରାମର ୪/୫ ଜଣ ସାଙ୍ଗଙ୍କ ପୋଖରୀରେ ଗାଧୋଉଥିବା ବେଳେ ସମୟରେ କିର୍ତ୍ତନା ପୋଖରୀରେ ବୁଡି ଯାଇଥିଲେ । କିର୍ତ୍ତନା ବୁଡଯାଉଥିବା ଦେଖି ଅନ୍ୟ ସାଥୀମାନେ ସେଠାରୁ ଚାଲିଯାଇଥିଲେ । ପାଖ ଲାଡିରେ ଥିବା ଅନ୍ୟ ଜଣେ ବ୍ୟକ୍ତି କିର୍ତ୍ତନାଙ୍କୁ ପ୍ରଥମେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ପରେ ତାଙ୍କ ପରିବାରକୁ ଖବର ଦେବା ପରେ ଝିଅର ବାପା ଆସି ସେତେବେଳକୁ କୀର୍ତ୍ତନାଙ୍କ ମୃତ୍ୟୁ ହୋଇ ସାରିଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ କାଲିମେଳା ପୋଲିସ ମେଡିକାଲ ରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି।

# କାର୍‌ଗିଲ ବିଜୟ ଦିବସ ପାଳିତ

ମାଲକାନଗିରି, ୨୭।୭(ଡି.ଏନ.ଏ.)

ମାଲକାନଗିରି ଜିଲା ବାଲିମେଳା ସଦରସ୍ଥିତ ଶହୀଦ ଗୋପୀ ପୂଜାରୀ କ୍ଲବଠାରେ କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି । କ୍ଲବର ସମସ୍ତ ସଦସ୍ୟ, ଛାତ୍ରୀଛାତ୍ର ଏବଂ ବାଲିମେଳାର ବରିଷ୍ଠ ଶିକ୍ଷକଙ୍କୁ ନେଇ ଏକସଭା ହୋଇଥିଲା । ସମ୍ମାନିତ ଅତିଥି ରୂପେ ବାଲିମେଳା ପାୱାର ହାଉସର ବରିଷ୍ଠ ଯନ୍ତ୍ରୀ ବିଜୟ ପ୍ରଧାନ ଏବଂ ମୁଖ୍ୟଅତିଥି ରୂପେ ଶିକ୍ଷକ ଅଜୟ ନାୟକ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ରୂପେ ବାଲିମେଳା ଚେୟାରମ୍ୟାନ ପ୍ରଦୀପ ନାୟକ ଉପସ୍ଥିତ ଥିଲେ। କ୍ଲବ ସଭାପତି ଟୁକୁଲୁ ପ୍ରଧାନ ସଭା ପରିଚାଳନା କରିଥିଲେ । ସଭାରେ ବୀର ଯବାନଙ୍କ ଭାରତ ମାଟି ପାଇଁ ରଖିଥିବା ଅବଦାନ ଓ ବଳିଦାନ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ଅବସରରେ ଶହୀଦ ମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା ।

# ସଚେତନ ନ ହେଲେ ଆଗାମୀ ଦିନରେ ବିପଦ

ମାଲକାନଗିରି,୨୭।୭ (ଡି.ଏନ୍.ଏ.)

**ପିଲାଟିଏ ଗଛଟିଏ କାର୍ଯ୍ୟକ୍ରମ**

ବର୍ତ୍ତମାନ ସାରା ପୃଥିବୀରେ ବସବାସ କରୁଥିବା ପ୍ରାଣୀଜଗତ, ଜୀବଜଗତପାଇଁ ବିପଦ ସୃଷ୍ଟି ହୋଇଛି। ଏହାର ଏକମାତ୍ର କାରଣ ହେଉଛି ପୃଥିବୀର ଜଳବାୟୁ ପରିବର୍ତ୍ତ। ଏହାକୁ ଦୃଷ୍ଟିରେ ରଖି ପରିବେଶ ସନ୍ତୁଳନର ରକ୍ଷା ପାଇଁ ବୃକ୍ଷ ହିଁ ଜୀବନ ବୋଲି ଏହି ସତ୍ୟକୁ ସାରା ବିଶ୍ୱ ସ୍ୱୀକାର କରଛି। ବୃକ୍ଷରୋପଣ ଏକମାତ୍ର ଉପାୟ ଏହାକୁ ଅନୁଭବ କରି ବୁଧବାର ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତ କୋଇଲିପାରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବନାଞ୍ଚଳ ଅଧିକାରୀ ଜଗନ୍ନାଥ ବିଶୋୟୀ, ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର, ସମାଜିକ କର୍ମୀ କାମରାଜ ଜେନା ଯୋଗ ଦେଇ ଶତାଧିକ ଛାତ୍ରୀଛାତ୍ର ମାନଙ୍କୁ ପରିବେଶ ସମ୍ପର୍କରେ ସଚେତନ କରିଥିଲେ। ଆଗାମୀ ଦିନରେ ଏଥିପ୍ରତି ସଚେତନ ନ ହେଲେ ଜୀବଜଗତ, ପ୍ରାଣୀଜଗତ ଭୟଙ୍କର ବିପଦରେ ପଡିବ ବୋଲି ଅବଗତ କରାଇଥିଲେ। ପରେ ବିଦ୍ୟାଳୟ ପରିସରରେ ପିଲାଟିଏ ଗଛଟିଏ ସ୍ଲୋଗାନ ଦେଇ ପ୍ରଥମ ଶ୍ରେଣୀର ଶିଶୁ ଙ୍କ ଦ୍ୱାର ବୃକ୍ଷରୋପଣ କରାଯାଇଥିଲା। କା ର୍ଯ୍ୟକ୍ରମରେ ଶିକ୍ଷକ ସୁଶିଲ ପଣ୍ଡା, କୁମାରୀ ଦିପ୍ତି ଭୋଇ ଉପସ୍ଥିତ ରହି ପରିଚାଳନ କରିଥିଲେ।



ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ଚାରାରୋପଣ କରୁଛନ୍ତି।

# ଉଜ୍ୱଳ ଭାରତ ଉଜ୍ୱଳ ଭବିଷ୍ୟତ କାର୍ଯ୍ୟକ୍ରମ

ମାଲକାନଗିରି,୨୭।୭ (ଡି.ଏନ୍.ଏ)

**ଆଜାଦି କା ଅମୃତ ମହୋତ୍ସବ**

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ସଂସ୍କୃତି ଭବନଠାରେ ଆଜାଦି କା ଅମୃତ ମହୋତ୍ସବ ପାଳନ ହୋଇଛି। ବିଦ୍ୟୁତ ମନ୍ତ୍ରଣାଳୟ ଏବଂ ନବୀନ ଓ ନବୀକରଣ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଉଜ୍ୱଳ ଭାରତ ଉଜ୍ୱଳ ଭବିଷ୍ୟତ କାର୍ଯ୍ୟକ୍ରମ ହୋଇଥିଲା। ଓପିଟିସିଏଲ, ଏନଟିପିସି ଓ ଟାଟା ପାୱାର ସାଉଥର୍ଣ୍ଣ ଓଡ଼ିଶା, ଡିଷ୍ଟ୍ରିବ୍ୟୁସନ ଲିମିଟେଡର ସହାୟତାରେ ହୋଇଥିବ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ସମାରୀ ତାଙ୍ଗୁଲ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ମାଲକାନଗିରି ପୌରାଧ୍ୟକ୍ଷ ମନୋଜ ବାରିକ ଓ ବିଡିଓ ଅଜୟ ପ୍ରଧାନ ଯୋଗ ଦେଇ ଥିଲେ। ପୂର୍ବରୁ ଦେଶରେ ବିଦ୍ୟୁତ ଅଭାବ ଦେଖା ଦେଉଥିଲା। ଗତ ୮ ବର୍ଷ ମଧ୍ୟରେ ଏହି ସମସ୍ୟା ଦୂର ହୋଇଛି। ପ୍ରତ୍ୟେକ ଉପଭୋକ୍ତାଙ୍କୁ ନିରବିଚ୍ଛିନ୍ନ ଭାବେ ବିଦ୍ୟୁତ୍ ସେବା ଯୋଗାଣ ହେଉଛି ବୋଲି ଅତିଥିମାନେ କହିଥିଲେ। ବର୍ତ୍ତମାନ ଲୋ ଭୋଲଟେଜ ସମସ୍ୟା, ବିଦ୍ୟୁତ କାଟ ସମସ୍ୟା ନାହିଁ। ମାଲକାନଗିରି ଜିଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ସୌଭାଗ୍ୟ ଯୋଜନା ଓ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନାରେ ୪୬୩୮୯ଟି ନୂତନ ସଂଯୋଗ ହୋଇଥିବା ବେଳେ ବିଜୁ ସହରାଞ୍ଚଳ ବିଦ୍ୟୁତିକରଣ ଯୋଜନା ଓ ବିଜୁ ଗ୍ରାମୀଣ ଜ୍ୟୋତି ଯୋଜନାରେ ୭୮୯୬ଟି ନୂତନ ବିଦ୍ୟୁତ୍ ସଂଯୋଗ ହୋଇଥିବା ଅତିଥିମାନେ କହିଥିଲେ। ମାଲକାନଗିରି ଜିଲାରେ ଗତ ୮ ବର୍ଷ ମଧ୍ୟରେ ଓପିଟିସିଏଲ ପକ୍ଷରୁ ୨୨୦/୩୩ କେଭିର ୩ଟି ସବ ଷ୍ଟେସନ ପ୍ରତିଷ୍ଠା ସହ ୩୩/୧୧ କେଭିର ପ୍ରାଥମିକ ସବଷ୍ଟେସନ ୫ ଟି ପ୍ରତିଷ୍ଠା କରାଯାଇଛି । ଫଳରେ ପୂର୍ବଭଳି ଲୋ ଭୋଲଟେଜ ଓ ବଦ୍ୟୁତ୍ କାଟ ସମସ୍ୟା ଆଉ ନାହିଁ ବୋଲି କହିଥିଲେ । ଏହି ଅବସରରେ ପଥପ୍ରାନ୍ତ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଟାଟା ପାୱାର ସାଉଥର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡର ସହକାରୀ ଯନ୍ତ୍ରୀ ସୁରୋଜ ପଟ୍ଟନାୟକ ସ୍ୱାଗତ ସୂଚନା ଦେଇଥିଲେ। ଓପିଟିସିଏଲରର ଡିଜିଏମ ଲକ୍ଷ୍ମୀକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଟାଟା ପାୱାର ସାଉଥର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡର ନିର୍ବାହୀ ଯନ୍ତ୍ରୀ ପ୍ରତାପ କେଶରୀ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# କୋରାପୁଟ ଝିଅ ଅନ୍ତଃରାଷ୍ଟ୍ରୀୟ ଖେଳାଳି ମାମାଲିଙ୍କୁ ସମ୍ବର୍ଦ୍ଧନା

ଜୟପୁର, ୨୭।୭ (ନି.ପ୍ର.)




ମାମାଲିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କୋରାପୁଟର ଝିଅ ଅନ୍ତରାଷ୍ଟ୍ରୀୟ ଖେଳାଳି ମାମାଲି ନାଗଙ୍କୁ ଜିଲା କ୍ରୀଡ ସଂଘ ପକ୍ଷରୁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିରିଲିଗୁମାର ଝିଅ ମାମିଲି ଭାରତୀୟ ମହିଳା ଭଲିବଲ ଦଳରେ ଖେଳି କୃତିତ୍ୱ ହାସଲ କରିଛନ୍ତି। ସେ ଭଲିବଲରେ ଜାତୀୟ ଟିମରେ ପ୍ରତିନିଧିତ୍ୱ କରିଛନ୍ତି । ଭାରତୀୟ ଦଳରେ କାଜିକିସ୍ତାନ ସହିତ ଖେଳିଛନ୍ତି । ଏହି ସମ୍ବଦ୍ଧନା କାର୍ଯ୍ୟକ୍ରମରେ ଉପଜିଲାପାଳ ବେଦବର ପ୍ରଧାନ, ଜିଲା କ୍ରୀଡା ଅଧିକାରୀ ଜ୍ଞାନଜିତ ପାଢୀ, ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଜିଲା କ୍ରୀଡା ସମ୍ପାଦକ ଅନୁପ ପାତ୍ର,ଉପଖଣ୍ଡ କ୍ରୀଡା ସଂଘ ସମ୍ପାଦକ ରବି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରଙ୍କ ମୃତ୍ୟୁ ନେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଘେରିଲେ ଅଭିଭାବକ

ଦଶମନ୍ତପୁର, ୨୭।୭( ଡି.ଏନ.ଏ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପାଇକ ଫୁଲବେଡା ପଞ୍ଚାୟତର ମଇନାମାଳ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ର ମଙ୍ଗଳବାର ଅସୁସ୍ଥ ହୋଇପଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଅର୍ଜୁନ ମୁଦୁଲିଙ୍କ ପୁଅ ଦୁର୍ଜନ ମୁଦୁଲି (୧୫ )। ଏହାକୁ ନେଇ ଅଭିଭାବକମାନେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଘେରାଉ କରିଥିଲେ। ଗ୍ରାମରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା।

ଖବରରୁ ଜଣାପଡିଛି, ଦୁର୍ଜନ ମଇନାମାଳ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ପଢୁଥିଲେ। ମଙ୍ଗଳବାର ଦୁର୍ଜନ ପଢିବାକୁ ବିଦ୍ୟାଳୟକୁ ଯାଇଥିଲେ। ସେ ବିଦ୍ୟାଳୟରେ ଅସୁସ୍ଥ ହୋଇପଡିଥିଲେ। ଶିକ୍ଷକ ବାସୁଦେବ ପାତ୍ର ଏନେଇ ଅନ୍ୟ ଶିକ୍ଷକମାନଙ୍କୁ ଜଣାଇଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଶିକ୍ଷକ ଦେବକିରଣ ପଟ୍ଟନାୟକ ଓ ବାସୁଦେବ ବିଦ୍ୟାଳୟର ରୋଷେୟା ଶଶୀ ମୁଦୁଲି ଏବଂ ଲଳିତା ମୁଦୁଲିଙ୍କୁ ଏକ ଅଟୋ ଯୋଗେ ତାଙ୍କୁ ନେଇ ଘରେ ଛାଡିଦେବାକୁ କହିଥିଲେ। ଉଭୟେ ଦୁର୍ଜନଙ୍କୁ ନେଉଥିବା ବେଳେ ସେ ବିଦ୍ୟାଳୟ ସମ୍ମୁଖରେ ଅଟୋରେ ଚେତାଶୂନ୍ୟ ହୋଇଯାଇଥିଲେ। ପରେ ତାଙ୍କୁ ବୋହି ଘରକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ବୋଲି ଶଶୀ ଓ ଲଳିତା କହିଛନ୍ତି। ଏହି ଖବର ଜାଣିବା ପରେ ଦୁର୍ଜନଙ୍କ ଦଦା କୃଷ୍ଣ ମୁଦୁଲି ରଙ୍ଗବାଲିଗୁଡାରେ କାର୍ଯ୍ୟ କରୁଥିବା ତାଙ୍କ ମାଆବାପାଙ୍କୁ ଜଣାଇଥିଲେ। ପୁଅକୁ ଚିକିତ୍ସା ଲାଗି ଡାକ୍ତରଖାନା ନ ନେଇ ଘରେ ଆଣି କାହିଁକି ଛାଡିଲ ବୋଲି ଦୁର୍ଜନଙ୍କ ମା' ପ୍ରଶ୍ନ ଉଠାଇଛନ୍ତି। ଏହାକୁ ନେଇ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅବିଭାବକ ଓ ଗ୍ରାମବାସୀ ୩ଘଣ୍ଟା ଧରି ଘେରାଉ କରିଥିଲେ। ଆମକୁ କ୍ଷତିପୂରଣ ଦିଅ ନଚେତ ମୃତଦେହ ବିଦ୍ୟାଳୟ ସମ୍ମୁଖରେ ରଖି ଚାଲିଯିବୁ ବୋଲି ଚେତାବନୀ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ୧୦ ହଜାର ଟଙ୍କା ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ମନୋଜିନୀ ବେହେରାଙ୍କୁ ପଚାରିବାରୁ ସେ କହିଲେ ଯେ, ଛାତ୍ର ଜଣକ ଅସୁସ୍ଥ ଥିବାରୁ ଆମେ ତାଙ୍କୁ ଏକ ଓଟୋ ଯୋଗେ ଘରକୁ ପଠାଇଥିଲୁ। ମାତ୍ର ମୃତ୍ୟୁ କଥା ଆମେ ଜାଣିନୁ। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଦୟାସିନ୍ଧୁ ବାଘଙ୍କୁ ପଚାରିବାରୁ ଘଟଣାର ତଦନ୍ତ ପରେ ପ୍ରକୃତ କଥା ଜଣାପଡିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ୧୨ ଜଣ ଶିକ୍ଷୟିତ୍ରୀଶିକ୍ଷକ ରହିଥିବା ବେଳେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ ୪୩୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି।

